ବର୍ଷ-୨୬, ସଂଖ୍ୟା-୩୮
ଭୁବନେଶ୍ୱର
୦୮, ଫେବୃଆରୀ, ୨୦୨୬ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 38
Bhubaneswar
08, February, 2026 Sunday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ବିସିପିପିଇଆର ଅର୍ଥନୈତିକ ଯୋଜନାର ଶୁଭାରମ୍ଭ




**ଭୁବନେଶ୍ୱର,୭।୨ (ମହାଭାରତ):** ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଂଚଳ ବା ବିସିପିପିଇଆର ପାଇଁ ଏକ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ। ଏହି ଅର୍ଥନୈତିକ ଯୋଜନାକୁ ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନୀତିଆୟୋଗର ସଦସ୍ୟ ରାଜୀବ ଗୌବା ଏବଂ ସିଇଓ ବି.ଭି.ଆର ସୁବ୍ରମଣ୍ୟମ ମଧ୍ୟ ଯୋଗଦେଇଛନ୍ତି। ଏହି ଅବସରରେ ଲୋକସେବା ଭବନ ସ୍ଥିତ କନ୍‌ଭେନ୍‌ସନ୍ ସେଂଟରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଅର୍ଥନୈତିକ ଯୋଜନାକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିସିପିପିଇଆର ଅଂଚଳକୁ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ। ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଅଂଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଭାରତର ଅଭିବୃଦ୍ଧିର ଆକାଶରେ ଏହା ଏକ ନୂତନ ତାରକା ଭଳି ଦୃଶ୍ୟମାନ ହେବ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ଅଂଚଳର ସବୁ ସହରର କିଛି ନା କିଛି ନିଜସ୍ୱ ସାମର୍ଥ୍ୟ ରହିଛି, ସ୍ୱତନ୍ତ୍ରତା ରହିଛି। ଯେପରିକି ଟେକ୍ନୋଲୋଜି କ୍ଷେତ୍ରରେ ଭୁବନେଶ୍ୱର, ବିଜନେସ୍ ପରମ୍ପରାରେ କଟକ, ସାଂସ୍କୃତିକ ଗରିମାରେ ପୁରୀ ଓ ବନ୍ଦର ଭିତିକ ବିକାଶରେ ପାରାଦୀପ। ବର୍ତ୍ତମାନ ଆମର ପରିକଳ୍ପନା ହେଉଛି, ଏହି ଅଂଚଳ ଗୁଡିକୁ ଆଧୁନିକ ଭିତିଭୂମି ସହିତ ଯୋଡାଯିବ ଏବଂ ପ୍ରତ୍ୟେକ ଅଂଚଳରେ ବିଭିନ୍ନ ପ୍ରକାର ପ୍ରକଳ୍ପ କରାଯିବ। ମେଟାଲ ଡାଉନଷ୍ଟ୍ରିମ୍, ବାୟୋଟେକ୍, ଟେକ୍ସଟାଇଲ୍, କେମିକାଲ୍‌ସ, ପର୍ଯ୍ୟଟନ, ଶିକ୍ଷା ଓ ଆଇ.ଟି ପରି ୮୦ରୁ ଅଧିକ ପ୍ରକଳ୍ପର ଯୋଜନା କରାଯାଇଛି। ଏହା ସହିତ ୩୦ରୁ ଅଧିକ ପଲିସି ଇନିସିଏଟିଭ୍ ନିଆଯାଇ ଏ ସମଗ୍ର ଅଞ୍ଚଳକୁ ବିକାଶ ଓ ସମୃଦ୍ଧିର ପ୍ରୟୋଗଶାଳା କରାଯିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୬-୨୭ ବଜେଟ୍ ରେ କେନ୍ଦ୍ର ସରକାର ସିଟି ଇକୋନୋମିକ୍ ରିଜିଅନର ପରିକଳ୍ପନା କରିଛନ୍ତି। ଏଥିରେ ବିସିପିପିଇଆର ରିଜିଅନ୍ ମଧ୍ୟ ସ୍ଥାନ ପାଇଛି। ପ୍ରତ୍ୟେକ ସିଇଆର ର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ହଜାର କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ଏହି ଅଂଚଳର ଅର୍ଥନୀତି ସାରା ଓଡିଶାର ଅର୍ଥନୀତିର ୧୯ ପ୍ରତିଶତ। ୨୦୨୫ ସୁଦ୍ଧା ଏହି ଅଂଚଳର ଅର୍ଥନୀତିର ଆକାର ୨୨.୪ ବିଲିଅନ ଡଲାର ଅଛି। ୨୦୪୭ ସୁଦ୍ଧା ଏହାକୁ ୫୦୦ ବିଲିଅନ ଡଲାର କରିବାର ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ସରକାର ତଥା ନୀତି ଆୟୋଗର ସହଯୋଗରେ ରାଜ୍ୟର ଡବଲ ଇଞ୍ଜିନ ସରକାର ଏହି ଅଂଚଳକୁ ଅର୍ଥନୈତିକ କାୟାକଳ୍ପର ଏକ କେନ୍ଦ୍ରଭାବେ ବିକଶିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି ଇକୋନୋମିକ୍ ପ୍ଲାନ୍ ପ୍ରସ୍ତୁତ କରିଥିବାରୁ ନୀତି ଆୟୋଗର ସଦସ୍ୟ ଶ୍ରୀ ରାଜୀବ ଗୌବା ଓ ସିଇଓ ଶ୍ରୀ ସୁବ୍ରମଣ୍ୟମଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଆଜିର ଏହି ଯୋଜନା ଓଡିଶାର ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଓଡିଶାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଅତ୍ୟନ୍ତ ସହାୟକ ହେବ। ଆଗାମୀ ଦିନରେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ ଥିବା ବଡ ବଡ ସହର ମାନଙ୍କ ପାଇଁ ଏଭଳି ଯୋଜନା ପ୍ରସ୍ତୁତ କରାଯିବ। ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରଠାରୁ ରାଜ୍ୟରେ ସହରୀକରଣର ଅଭିବୃଦ୍ଧିକୁ ପ୍ରାଧାନ୍ୟ ଦେଉଛନ୍ତି। ସହରୀକରଣ ବୃଦ୍ଧି କ୍ଷେତ୍ରରେ ୨୮ଟି ନୂଆ ଏନ୍‌ଏସି, ୭ଟି ମୁନିସ୍ ?ପାଲ୍ ?ଟି ଏବଂ ଗୋଟିଏ ମହାନଗର ନିଗମ ସୃଷ୍ଟି ସହରୀକରଣ କ୍ଷେତ୍ରରେ ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା କହିଥିଲେ ଯେ, ବିକଶିତ ଓଡିଶା ନିର୍ମାଣର ପ୍ରମୁଖ ସ୍ତମ୍ଭ ହେଉଛି ଏହି ବିସିପିପିଇଆର ପ୍ରୋଜେକ୍ଟ। ଦେଶର ୨୦ଟି ପ୍ରମୁଖ ସହରର ଉନ୍ନତି ପାଇଁ ପ୍ରସ୍ତାବ ରହିଥିବା ବେଳେ, ପ୍ରଥମ ୫ଟି ମଧ୍ୟରେ ବିସିପିପିଇଆର ସ୍ଥାନିତ ହୋଇଛି। ଏହି ରିଜିଅନର ଅଭିବୃଦ୍ଧି ହେଲେ ଏ ଅଞ୍ଚଳବାସୀଙ୍କର ମଧ୍ୟ ଅଭିବୃଦ୍ଧି ଘଟିବ। ଲୋକମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ। ଏହି ଯୋଜନାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ନୀତି ଆୟୋଗର ସିଇଓ ଶ୍ରୀ ବି.ଭି.ଆର୍ ସୁବ୍ରମଣ୍ୟମ ରାଜ୍ୟ ସରକାରଙ୍କ ଉଦ୍ୟମ ପ୍ରତି ଧନ୍ୟବାଦ ଜଣାଇ କହିଥିଲେ ଯେ, ଆମର ୭୦ରୁ ୮୦ ପ୍ରତିଶତ ଜିଡିପି ସହରାଞ୍ଚଳରୁ ଆସିଥାଏ। ୨୦୪୭ ସୁଦ୍ଧା ଆମ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ସହରୀକରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି। ମୁମ୍ବାଇ, ସୁରଟ, ବିଶାଖାପଟଣା, ବାରଣାସୀ ପରେ ନୀତି ଆୟୋଗର ଏହା ହେଉଛି ପଞ୍ଚମ ଯୋଜନା। ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ବିକଶିତ ଓଡିଶା ପାଇଁ ମଧ୍ୟ ନୀତି ଆୟୋଗ ଯୋଜନା ପ୍ରସ୍ତୁତ କରିଛି। ଆମର ଏହି ଯୋଜନା କେବଳ ଓଡିଶା ପାଇଁ ନୁହେଁ ବିକଶିତ ଭାରତ ପାଇଁ ମଧ୍ୟ ସହାୟକ ହେବ ବୋଲି ସେ କହିଥିଲେ।

## ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୭।୨ (ମହାଭାରତ):** ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଆଜି ଲୋକ ଭବନଠାରେ ରାଷ୍ଟ୍ରପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟର ବିକାଶ ଗାଥା ସମ୍ପର୍କିତ ପୁସ୍ତିକା 'ପ୍ରଗତି ପ୍ରବାହ' ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ବିମାନବନ୍ଦରଠାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ସହ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଷ୍ଟ୍ରପତିଙ୍କ ଏହି ଗସ୍ତ ଆମ ରାଜ୍ୟ ପାଇଁ ଅତ୍ୟନ୍ତ ସ୍ମରଣୀୟ ଏବଂ ଉତ୍ସାହଜନକ। ତାଙ୍କର ମାର୍ଗଦର୍ଶନ 'ବିକଶିତ ଓଡ଼ିଶା'ର ସଂକଳ୍ପକୁ ସିଦ୍ଧ କରିବା ଦିଗରେ ଆମକୁ ସର୍ବଦା ପ୍ରେରଣା ଯୋଗାଇବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ କାମନା କରୁଛି।

## ଲାଗୁ ହେବ ନୂଆ ଅବକାରୀ ଆଇନ୍

**ଭୁବନେଶ୍ୱର,୭।୨ (ମହାଭାରତ):** ରାଜ୍ୟରେ ଖୁବ୍‌ଶୀଘ୍ର ନୂଆ ଅବକାରୀ ଆଇନ ଲାଗୁ ହେବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଆବଶ୍ୟକ ପ୍ରକ୍ରିୟା ଶେଷ ହେବା ପରେ ଏହି ନୂଆ ଅବକାରୀ ଆଇନକୁ କଡ଼ାକଡ଼ି ଭାବେ ଅନୁପାଳନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନକୁ ଆହୁରି ଜୋରଦାର କରାଯିବ। ରାଜ୍ୟରେ ଅବୈଧ ନିଶା କାରବାର ରୋକିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ନୂଆ ବ୍ୟବସ୍ଥା ଅନୁଯାୟୀ, ରେଡ୍ ଓ ଏନଫୋର୍ସମେଣ୍ଟ କାର୍ଯ୍ୟକଳାପ ସମୟରେ ଅବକାରୀ ଏନଫୋର୍ସମେଣ୍ଟ ଟିମ୍‌ର ସଦସ୍ୟମାନେ ବଡି କ୍ୟାମେରା ପିନ୍ଧିବେ। ଏହା ଫଳରେ ତଦନ୍ତକାରୀ ଅଫିସରମାନେ କୋର୍ଟରେ ଭିଡିଓ ପ୍ରମାଣ ପ୍ରଦାନ କରିପାରିବେ। ପ୍ରମାଣ ଅଭାବରୁ ଅଭିଯୁକ୍ତମାନେ ଆଉ ଖସି ପାରିବେନି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି, ଅବକାରୀ କର୍ମଚାରୀ ଓ ଅଫିସରମାନଙ୍କୁ ସଶସ୍ତ୍ର ବାହିନୀ କରିବା ପାଇଁ ପ୍ରକ୍ରିୟା ଚାଲିଥିବା ସୂଚନା ମଧ୍ୟ ମନ୍ତ୍ରୀ ଦେଇଛନ୍ତି।

## ୨ଜଣଙ୍କ ଉପରେ ଚଢିଗଲା ଟ୍ରକ

**କଳାହାଣ୍ଡି,୭।୨ (ମହାଭାରତ):** କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସୱେ ବେହେରା ବିଦେଶୀ ମଦ ଦୋକାନ ଛକ ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ ଧକ୍କାରେ ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଛତିଶଗଡ଼ ଟିକ୍ରାପଡାର ରମେଶ କାଶ୍ୟପ (୨୯) ଓ ସାବୁନଭାଡିର ଜ୍ୟୋତିଷ କାଶ୍ୟପ (୨୫)। ରମେଶ ଏବଂ ଜ୍ୟୋତିଷ କୌଣସି କାମରେ ବେହେରା ଗ୍ରାମକୁ ଆସି ଘରକୁ ଯାଉଥିଲେ। ବିଜୁ ଏକ୍ସପ୍ରେସୱେରେ ତାଙ୍କ ବାଇକକୁ ଆମପାଣି ପଟୁ ଆସୁଥିବା ଟ୍ରକ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ରମେଶଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଜ୍ୟୋତିଷକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ମେଡିକାଲ ନିଆଯାଉଥିଲା। ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଟି-୨୦ରେ ଭାରତର ବିଜୟ ଅଭିଯାନ ଆରମ୍ଭ

**ମୁମ୍ବାଇ,୭।୨(ଏଜେନ୍ସି):** ଗତ ସଂସ୍କରଣର ବିଜେତା ଭାରତୀୟ ଦଳ ବିଜୟରୁ ଟି-୨୦ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି। ସୂର୍ଯ୍ୟକୁମାର ଯାଦବଙ୍କ ଲୁଆ ଅର୍ଦ୍ଧଶତକ ପରେ ବୋଲରମାନେ ମିଳିତ ଭାବେ ୱିକେଟ୍ ଦଖଲ କରିବାରୁ ଭାରତ ନିଜ ପ୍ରଥମ ମ୍ୟାଚରେ ଆମେରିକାକୁ ୨୯ ରନରେ ପରାସ୍ତ କରିଛି। ଭାରତ ପରବର୍ତ୍ତୀ ମ୍ୟାଚ୍ ଗୁରୁବାର ନାମ୍ବିୟା ବିପକ୍ଷରେ ଦିଲ୍ଲୀରେ ଖେଳିବ।




ଆମେରିକା ଦଳର ଭାରତୀୟ ବଂଶୋଦ୍ଭବ ଅଧିନାୟକ ମୋନାଙ୍କ ପଟେଲ୍ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଡାକିଥିଲେ। ଈଶାନ କିଶନ ସତର୍କତାର ସହ ଖେଳି ୧୬ ବଲରୁ ୨୦ ରନ୍ କରିପାରିଥିଲେ। ଅଭିଷେକ ଶର୍ମା ସମ୍ମୁଖୀନ ହୋଇଥିବା ପ୍ରଥମ ବଲକୁ ବଡ଼ ସଟ୍ ଖେଳି ବାଉଣ୍ଡରି ନିକଟରେ ଧରାପଡ଼ିଯିବାରୁ ଶୂନରୁ ବିଶ୍ୱକପ୍ ଅଭିଯାନ ପାଇଥିଲେ। ତିଳକ ବର୍ମା (୧୬ ବଲରୁ ୨୫ ରନ୍) ଏବଂ ଶିବମ ଦୁବେ (୦) ମଧ୍ୟ ପାୱାର ପ୍ଲେ ଭିତରେ ବିଦାୟ ନେବାରୁ ଭାରତ ୬ ଓଭର ସୁଦ୍ଧା ୪୬/୪ରେ ସଂଘର୍ଷ କରିଥିଲା। ରିଙ୍କୁ ସିଂହ (୬), ହାର୍ଦ୍ଦିକ ପାଣ୍ଡ୍ୟା (୫), ଅକ୍ଷର ପଟେଲ୍ (୧୪) ବି ଶସ୍ତାରେ ବିଦାୟ ନେଇଥିଲେ। ସଙ୍କଟଜନକ ପରିସ୍ଥିତି ସତ୍ତ୍ୱେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭାରତ ପାଳିର ଦାୟିତ୍ୱ ଏକା ସମ୍ଭାଳିଥିଲେ। ୩୬ ବଲରୁ ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ଗିୟର ବଦଳାଇ ୪୯ ବଲରୁ ୮୪ ରନର ସମ୍ମାନରକ୍ଷାକାରୀ ପାଳି ଖେଳିଥିଲେ। ଏହି ପାଳିରେ ୧୦ ଚୌକା ଓ ୪ ଛକା ସାମିଲ ଥିଲା। ନେତ୍ରଭାଲକର ବୋଲିଂ କରିଥିବା ଶେଷ ଓଭରରୁ ସୂର୍ଯ୍ୟ ୨୧ ରନ୍ ଆଦାୟ କରିବାରୁ ଭାରତ ୧୬୧ ରନ୍ କରିଥିଲା।

## ଆରମ୍ଭ ହେବ ରାମେଶ୍ୱର - ଟାଙ୍ଗୀ ଏନଏଚଏଆଇର ରିଙ୍ଗ୍ ରୋଡ୍ ପ୍ରକଳ୍ପ

**ଭୁବନେଶ୍ୱର,୭।୨ (ମହାଭାରତ):** କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ ପ୍ରକଳ୍ପ ଅନ୍ତର୍ଗତ ରାମେଶ୍ୱର ଠାରୁ ଟାଙ୍ଗୀ ପର୍ଯ୍ୟନ୍ତ ଏନଏଚଏଆଇର ରିଙ୍ଗ୍ ରୋଡ୍ କୁ ଅନୁମୋଦନ ମିଳିଛି। ଖୁବ ଶୀଘ୍ର ଏହାର ଭିତିପ୍ରସ୍ତର ସ୍ଥାପନ ସହ କାମ ଆରମ୍ଭ ହେବ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ସୂଚନା ଦେଇଛନ୍ତି। ଏହାସହ ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନିତୀନ ଗଡକରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏକ୍ସରେ ପୋଷ୍ଟ କରି ସେ ଲେଖିଛନ୍ତି ରାମେଶ୍ୱର ଠାରୁ ଟାଙ୍ଗୀ ପର୍ଯ୍ୟନ୍ତ ଏନଏଚଏଆଇର ରିଙ୍ଗ୍ ରୋଡ୍ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଷ୍ଟୋନ୍ ଅତିକ୍ରମ କରିଛି। ୧୧୧ କି.ମି. ଲମ୍ବ ଓ ପ୍ରାୟ ୮,୩୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ ପ୍ରକଳ୍ପ ସମସ୍ତ ଆବଶ୍ୟକ ଅନୁମୋଦନ ଓ ସ୍ୱୀକୃତି ପାଇଛି। ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଜଙ୍ଗଲ ଓ ବନ୍ୟପ୍ରାଣୀ ସମ୍ବନ୍ଧୀୟ ଅନୁମତି ସହ ସମସ୍ତ କ୍ଲିୟାରେନ୍ସ ମିଳିସାରିଛି। ସମସ୍ତ ଅନୁମୋଦନ ପ୍ରାପ୍ତ ହେବା ପରେ, ଏନଏଚଏଆଇ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ୦୫.୦୨.୨୦୨୬ ତାରିଖରେ ଟେଣ୍ଡର ଗ୍ରହଣ କରାଯାଇଛି। ଶୀଘ୍ର ଭିତିପ୍ରସ୍ତର ରଖାଯିବା ସହ କାର୍ଯ୍ୟ ଆରମ୍ଭ ହେବ। ଏହି ପ୍ରକଳ୍ପ ମୁଁ ପାଇଁ ନିୟମିତ ଭାବେ ପ୍ରୟାସ କରି ଅସୁଥିଲି।

## ୧୫ ମାଓବାଦୀଙ୍କ ଆତ୍ମସମର୍ପଣ

**ରାୟଗଡା,୭।୨ (ମହାଭାରତ):** ରାୟଗଡ଼ା ଜିଲ୍ଲାରେ ବଂଶଧାରା-ଘୁମୁସର-ନାଗାବଳୀ (ବାଘୁନା) ଡିଭିଜନର ମୋଟ ୧୫ ଜଣ ମାଓ କ୍ୟାଡର ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିବା ପରେ ଖୁବ ଶୀଘ୍ର ରାୟଗଡା ଜିଲ୍ଲା ମାଓ ମୁକ୍ତ ହେବା ପାଇଁ ନିଶ୍ଚିତ ହୋଇଛି। ଦିନକୁ ଦିନ ମାଓବାଦୀଙ୍କ ବିରୋଧରେ ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନ ଯୋରଦାର ହେବା ପରେ ହିଂସାର ପଥ ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାସହ ମାଓବାଦୀମାନଙ୍କ ପାଇଁ ରାଜ୍ୟ ସରକାର ପୁନର୍ବାସ ଓ ଥଇଥାନ ନୀତିର ଲାଭ ନେଇ ଆତ୍ମସମର୍ପଣ କରିବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଇଛନ୍ତି।

ରାୟଗଡ଼ା ଜିଲ୍ଲାରେ ବଂଶଧାରା-ଘୁମୁସର-ନାଗାବଳୀ (ବାଘୁନା) ଡିଭିଜନର ମୋଟ ୧୫ଜଣ ମାଓ କ୍ୟାଡର ଆତ୍ମସମର୍ପଣ କରିଛନ୍ତି। ସେଥି ମଧ୍ୟରେ ୨ ଜଣ ରାଜ୍ୟ କମିଟି ସଦସ୍ୟ ନିଖିଲ ନିରଞ୍ଜନ ରାଉତ (ଜଗତସିଂହପୁର) ଓ ଅଙ୍କିତା ରଶ୍ମୀତା ଲେଙ୍କା (ଟାଙ୍ଗୀ, କଟକ) ଆତ୍ମସମର୍ପଣ କରିଛନ୍ତି। ଉଭୟଙ୍କ ନାମରେ ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷିତ ଥିଲା। ଆତ୍ମସମର୍ପଣ କରିଥିବା ଅନ୍ୟ କ୍ୟାଡର ମାଓବାଦୀ ହେଲେ ଡିସିଏମ ବିକାଶ, ଏସିଏମ ସୁନ୍ଦର, ଏସିଏମ ପ୍ରଦୀପ, ଏସିଏମ ରୋଷନୀ, ଏସିଏମ ଅରୁଣା, ଏସିଏମ ନାନ୍ଦେ, ପିଏମ ନିକିତା, ପିଏମ କୁମାରୀ, ପିଏମ ଦୀପକ, ପିଏମ ରାକେଶ, ପିଏମ ଲଳିତ, ପିଏମ ରାଜେ ଓ ପିଏମ ମାଲତୀ।

**ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା**

## ବୟନ ଶିଳ୍ପକୁ ଆର୍ଥିକ ପ୍ରୋତ୍ସାହନ ମିଳିବ

**ନୂଆଦିଲ୍ଲୀ,୭।୨ (ମହାଭାରତ):** ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ଦ୍ୱାରା ୨୦୩୦ ସୁଦ୍ଧା ଭାରତର ବୟନ ରପ୍ତାନିକୁ ୧୦୦ ଅରବ ଡଲାର ବୃଦ୍ଧି ପାଇବାର ଆଶା କରାଯାଉଛି। ଏହା ବୟନ ଶିଳ୍ପକୁ ଆର୍ଥିକ ସହାୟତା ଯୋଗାଇବ ଏବଂ ଏହାର ଆର୍ଥିକ ସ୍ଥିତିକୁ ମଜବୁତ କରିବ। ବୟନ ମନ୍ତ୍ରଣାଳୟ ଅନୁଯାୟୀ, ଆମେରିକାର ବିଶ୍ୱ ବୟନ ଆମଦାନୀ ବଜାର ବାର୍ଷିକ ୧୧୮ ବିଲିୟନ ଡଲାର, ଏବଂ ଭାରତ ସବୁଠାରୁ ବଡ ରପ୍ତାନି ବଜାର। ଦେଶ ଆମେରିକାକୁ ପ୍ରାୟ ୧୦.୫ ବିଲିୟନ ଡଲାର ରପ୍ତାନି କରେ, ଯେଉଁଥିରେ ପ୍ରାୟ ୭୦ ପ୍ରତିଶତ ପୋଷାକ ଏବଂ ୧୫ ପ୍ରତିଶତ ପ୍ରସ୍ତୁତ ସାମଗ୍ରୀ ଅନ୍ତର୍ଭୁକ୍ତ। ମନ୍ତ୍ରଣାଳୟ ଅନୁଯାୟୀ, ସମସ୍ତ ବୟନ ଉତ୍ପାଦ ଉପରେ ୧୮ ପ୍ରତିଶତ ପାରସ୍ପରିକ ଶୁଳ୍କ କେବଳ ଭାରତୀୟ ରପ୍ତାନିକାରୀଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ବର୍ତ୍ତମାନର ଚ୍ୟାଲେଞ୍ଜକୁ ଦୂର କରିବ ନାହିଁ ବରଂ ସେମାନଙ୍କୁ ବାଂଲାଦେଶ (୨୦ ପ୍ରତିଶତ), ଚୀନ୍ (୩୦ ପ୍ରତିଶତ), ପାକିସ୍ତାନ (୧୯ ପ୍ରତିଶତ) ଏବଂ ଭିଏତନାମ (୨୦ ପ୍ରତିଶତ) ପରି ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ଭଲ ସ୍ଥିତିରେ ରଖିବ, ଯେଉଁମାନଙ୍କର ପାରସ୍ପରିକ ଶୁଳ୍କ ଅଧିକ। ଏହା ବଜାର ଗତିଶୀଳତାକୁ ପରିବର୍ତ୍ତନ କରିବ।

# ବଜେଟ୍ ଓଡ଼ିଶା ବିକାଶର ନୂତନ ଦ୍ୱାର ଖୋଲିବ

**ଭୁବନେଶ୍ୱର,୭।୨ (ମହାଭାରତ):** ଭୁବନେଶ୍ୱର ଠାରେ ଶନିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭କୁ 'ବିକଶିତ ଭାରତ' ଗଠନର ଏକ ବଳିଷ୍ଠ ଆଧାର ବୋଲି ଅଭିହିତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବକା ସାଥ୍, ସବକା ବିକାଶ' ମନ୍ତ୍ରରେ ଅନୁପ୍ରାଣିତ ଏହି ବଜେଟ୍, ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣ କରିବା ସହ ଶିକ୍ଷା, କୃଷି ଓ ପର୍ଯ୍ୟଟନ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଓଡ଼ିଶା ପାଇଁ ବିକାଶର ନୂତନ ଦ୍ୱାର ଖୋଲିବା ନେଇ ସେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ଉଲ୍ଲେଖନୀୟ ଯେ, ଏହି ସମ୍ମିଳନୀରେ ରାଜ୍ୟ ବିଜେପି ସଭାପତି ଶ୍ରୀ ମନମୋହନ ସାମଲ ଉପସ୍ଥିତ ଥିଲେ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ବର୍ତ୍ତମାନ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି ଭାବେ ଉଭା ହୋଇଥିବା ବେଳେ ଏହି ବଜେଟ୍ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୬.୮% ରୁ ୭.୨% ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏହା ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣ କରିବା ସହ ଏକ ସମାବେଶୀ ଅଭିବୃଦ୍ଧିକୁ ସୁନିଶ୍ଚିତ କରୁଛି। ୨୦୧୩-୧୪ରେ ଦେଶର ରପ୍ତାନୀ ପରିମାଣ ୪୬୬.୨୨ ବିଲିୟନ ଆମେରିକୀୟ ଡଲାର ଥିବା ବେଳେ ଆଜି ମୋଦୀ ସରକାରରେ ତାହା ୭୭ ପ୍ରତିଶତ ବଢି ୮୨୪.୯ ବିଲିୟନ ଆମେରିକୀୟ ଡଲାର ହୋଇଛି। ଦେଶରେ ବିଦେଶ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବା ଏଫଡିଆଇ ୨୦୧୩-୧୪ ବର୍ଷରେ ୩୬.୦୫ ବିଲିୟନ ଆମେରିକୀୟ ଡଲାର ଥିଲା। ଏହି ସଂଖ୍ୟା ଦୁଇ ଗୁଣା ହୋଇ ୮୧.୦୪ ବିଲିୟନ ଆମେରିକୀୟ ଡଲାର ହୋଇଛି। ଦେଶର ଜିଡିପି ହାର ୨୦୧୪-୧୫ରେ ୧୦୬.୫୭ କୋଟିରୁ ତିନିଗୁଣା ବଢି ୩୩୧.୦୩ କୋଟି ହୋଇଛି। ଆମ ଦେଶରେ ବୈଦେଶିକ ମୁଦ୍ରା ଭଣ୍ଡାର




(ଫରେକ୍ସ ରିଜର୍ଭ) ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢିଛି। ମୁଦ୍ରା ସ୍ଥିତି ନିୟନ୍ତ୍ରଣ ହୋଇଛି। ୨୦୨୦ରେ ଜିଏସଟି କଲେକ୍ସନ ୧୧ ଲକ୍ଷ କୋଟି ହୋଇଥିବା ବେଳେ ଏବେ ତାହା ବଢି ୨୨ ଲକ୍ଷ କୋଟି ହୋଇଛି। ଭାରତର ଷ୍ଟାର୍ଟଅପ ଇକୋସିଷ୍ଟମ ବିଶ୍ୱରେ ତୃତୀୟ ହୋଇଛି। ମୋଦୀ ସରକାରରେ ଲୋକଙ୍କ ଜନଜୀବନ ସହଜ ହୋଇଛି। ୨୦୩୫ ସୁଦ୍ଧା ଏଆଇ ୧.୭ ଟ୍ରିଲିୟନ ଡଲାର ଯୋଗଦାନ କରିବାର ଲକ୍ଷ୍ୟ ରଖାଯାଇଛି।

ଚଳିତ ବଜେଟରେ ଆଗାମୀ ୫ ବର୍ଷ ପାଇଁ ୧୦,୦୦୦ କୋଟି ଟଙ୍କାର ବ୍ୟୟବରାଦ ସହ 'ବାୟୋଫାର୍ମା ଶକ୍ତି' ଏବଂ ୪୦,୦୦୦ କୋଟି ଟଙ୍କାର 'ଇଣ୍ଡିଆ ସେମିକଣ୍ଡକ୍ଟର ୨.୦' ମିଶନର ଶୁଭାରମ୍ଭ କରାଯାଇଛି। ଶ୍ରମ-ଭିତିକ ବୟନ ଶିଳ୍ପ ଏବଂ ଖଦି-ହସ୍ତଶିଳ୍ପର ବିକାଶ ପାଇଁ 'ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ' ଅଭିଯାନ ଘୋଷଣା କରାଯାଇଛି। ଏମଏସଏମଇ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ୧୦,୦୦୦ କୋଟି ଟଙ୍କାର ଗ୍ରୋଥ୍ ଫଣ୍ଡ୍ ଗଠନ କରାଯାଇଛି। ଯୁବପିଢ଼ିଙ୍କୁ ନିଯୁକ୍ତିକ୍ଷମ କରିବା ପାଇଁ 'ଇଟୁଇ' (ଶିକ୍ଷାରୁ ନିଯୁକ୍ତି ଓ ଉଦ୍ୟୋଗ) ମାନକ କମିଟି ଗଠନର ପ୍ରସ୍ତାବ ଦିଆଯାଇଛି। ଦେଶର ୧୫,୦୦୦ ମାଧ୍ୟମିକ ବିଦ୍ୟାଳୟ ଓ ୫୦୦ କଲେଜରେ 'ଏଭିଜିସି' (ଆନିମେସନ୍, ଗେମିଂ) ଲ୍ୟାବ୍ ପ୍ରତିଷ୍ଠା ହେବ। ଛାତ୍ରୀମାନଙ୍କୁ ଷ୍ଟେମ ଶିକ୍ଷାରେ ସହାୟତା ପାଇଁ ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ଛାତ୍ରୀନିବାସ ନିର୍ମାଣ କରାଯିବ। ଶିକ୍ଷା ଓ ଚିକିତ୍ସା ଉଦ୍ଦେଶ୍ୟରେ ବିଦେଶକୁ ଅର୍ଥ ପ୍ରେରଣ ଉପରେ ଟିସିଏସ ହାରକୁ ୫% ରୁ ୨% କୁ ହ୍ରାସ କରାଯାଇଛି। ଏହି ବଜେଟ୍ ?ରେ ଭିତିଭୂମି ବିକାଶ ପାଇଁ ବ୍ୟୟବରାଦକୁ ୧୧ ଲକ୍ଷ କୋଟିରୁ ୧୨.୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହା ଦେଶର ପ୍ରଗତି ପଥକୁ ପ୍ରଶସ୍ତ କରିବ। ଦେଶରେ ୭ଟି ହାଇ-ସ୍ପିଡ୍ ରେଳ କରିଡର ସହ ପର୍ଯ୍ୟଟନର ବିକାଶ ପାଇଁ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହସ୍ପିଟାଲିଟି' ଗଠନ କରାଯିବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ତିନୋଟି ନୂତନ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ (ଏଆଇଆଇଏ) ସ୍ଥାପନ ହେବ। ଏହି ବଜେଟ୍ ସାମଗ୍ରିକ ଭାବେ ଏକ ସମୃଦ୍ଧ ଓ ସଶକ୍ତ ଭାରତ ଗଠନରେ ସହାୟକ ହେବ।

## ସ୍ୱାଦିଷ୍ଟ କଫି



ଆବଶ୍ୟକ ସାମଗ୍ରୀ: କଫି ଆବଶ୍ୟକ ପରିମାଣରେ କଦଳୀ ୧ଟି, କ୍ଷୀର ୧କପ, ଡ଼ାଲଚିନି ଗୁଣ୍ଡ ୧ ଚାମଚ, ଚିନି ଆ।ବଶ୍ୟକ ପରିମାଣରେ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ କଦଳୀ ଓ ଚିନିକୁ ଭଲ ଭାବେ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇ ବସାଇ ଏହି ପ୍ରସ୍ତୁତ ପେଷ୍ଟକୁ ସେଥିରେ ପକାଇ ଗୋଳାନ୍ତୁ। କିଛି ସମୟ ଗୋଳାଇବା ପରେ ଏଥିରେ କ୍ଷୀର ପକାଇ ପୁଣି ଗୋଳାନ୍ତୁ। କିଛି ସମୟ ଫୁଟିବା ପରେ ଏଥିରେ ଡ଼ାଲଚିନି ଗୁଣ୍ଡ ପକାଇ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ଭଲ ଭାବେ ପେଷି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ର ଗ୍ୟାସରେ ବସାଇ କ୍ଷୀର, ଚିନି, କଫି ପାଉଡ଼ର ପକାଇ ଫୁଟାଇ ଦିଅନ୍ତୁ। କଫି ପ୍ରସ୍ତୁତ ହେବା ପରେ ଏହାକୁ ଏକ କାଚ ଗ୍ଲାସକୁ କାଢି ପ୍ରସ୍ତୁତ ମିଶ୍ରଣକୁ ଏହାଉପରେ ରଖନ୍ତୁ୍ୟ।ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ କଫି।

### ଖବର

## ‘ଭାଗମ୍ ଭାଗ ୨’ରେ ଆଉଟ୍ ହେଲେ ନମ୍ବର ୧ ହିରୋ ଗୋବିନ୍ଦା



ବଲିଉଡର ନମ୍ବର ୧ ହିରୋ ଗୋବିନ୍ଦା ବର୍ତ୍ତମାନ ମାନ୍ଦାବସ୍ଥାର ସମ୍ମୁଖୀନ ହେଉଛନ୍ତି । ତାଙ୍କୁ ଶେଷ ଥର ପାଇଁ ୨୦୧୯ର ଫିଲ୍ମ ରଙ୍ଗିଲା ରାଜାରେ ଦେଖିବାକୁ ମିଳିଥିଲା । ସେବେଠାରୁ ପରଦାରେ ଦେଖିବାକୁ ମିଳୁନାହିଁ । କିନ୍ତୁ ଏବେ ସେ ଅନେକ ରିଆଲିଟି ଶୋ’ ଏବଂ ଇଭେଣ୍ଟରେ ନଜର ଆସୁଛନ୍ତି । କିଛି ଦିନ ହେବ ତାଙ୍କୁ ବାହାଘର ଫଙ୍କସନରେ ନାଚୁଥିବାର ମଧ୍ୟ ଦେଖିବାକୁ ମିଳୁଛି । ଏହା ବ୍ୟତୀତ ସେ ଏବେ ରାଜନୀତିରେ ପାଦ ଦେଇଛନ୍ତି । ତାଙ୍କ କ୍ୟାରିଅରରେ ଏପରି ଡାଉନଫଲ୍ ଦେଖିବା ପରେ ଫ୍ୟାନ୍ସ ବିରକ୍ତି ହେଉଛନ୍ତି । ପ୍ରଶଂସକମାନେ ଗୋବିନ୍ଦାଙ୍କ ଗ୍ରେଟ୍ କମବ୍ୟାକ୍ ପାଇଁ ଅପେକ୍ଷା କରି ରହିଛନ୍ତି । ଏବେ ତାଙ୍କୁ ନେଇ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି । ଏଥିରେ ଦାବି କରାଯାଇଛି ଯେ, ହିଟ୍ ଫିଲ୍ମ ଭାଗମ୍ ଭାଗ ସିକ୍ୱେଲରୁ ଗୋବିନ୍ଦାଙ୍କୁ ବାଦ୍ ଦିଆଯାଇଛି । ସେହି ଫିଲ୍ମର ପାର୍ଟ ୧ରେ ଗୋବିନ୍ଦା ଏକ ଅଂଶ ଥିଲେ । ସିକ୍ୱେଲରେ ଗୋବିନ୍ଦାଙ୍କ କମେଡ଼ି ଦେଖିବା ପାଇଁ ଫ୍ୟାନ୍ସ ଆଶାବାଦୀ ଥିଲେ । କିନ୍ତୁ ଏପରି କୌଣସି ଘଟଣା ଦେଖିବାକୁ ପାଇବେ ନାହିଁ ଦର୍ଶକ । ଏଥିରେ ଗୋବିନ୍ଦାଙ୍କ ବଦଳରେ ମନୋଜ ବାଜପେୟୀଙ୍କୁ ନିଆଯାଇଛି ।

ଭାଗମ ଭାଗ ଫିଲ୍ମର ନିର୍ମାତା ମନୋଜ ବାଜପେୟୀଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନେଇଛନ୍ତି ବୋଲି କୌଣସି ଏକ ସୂତ୍ରରୁ ସୂଚନା ମିଳିଛି । ଏଥିରେ ନୂଆ କାହାଣୀ ଦେଖିବାକୁ ମିଳିବ । ଯାହାର ନିର୍ଦ୍ଦେଶନା ଦେବେ ରାଜ ଶାଣ୍ଡିଲ୍ୟ । ଏଥିସହିତ ଏଥିରେ ମୀନାକ୍ଷୀ ଚୌଧୁରୀ ଫିମେଲ୍ ଲିଡରେ ଅଭିନୟ କରିବେ । ଆସନ୍ତା ମାସରେ ମୁମ୍ବାଇରେ ଏହି ଫିଲ୍ମର ସୁଟିଂ ଆରମ୍ଭ ହେବ । ଏପର୍ଯ୍ୟନ୍ତ ସୁଦ୍ଧା ମନୋଜ ବାଜପେୟୀଙ୍କ ବିପକ୍ଷରେ ହିରୋଇନଙ୍କୁ ଫିଲ୍ମ ପାଇଁ ଚୟନ କରାଯାଇନାହିଁ ।

ଏପରି ଖବର ସାମ୍ନାକୁ ଆସିବା ପରେ ଗୋବିନ୍ଦାଙ୍କ ଫ୍ୟାନ୍ସ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି । ଏହା ପରେ ପ୍ରଶଂସକମାନେ ମଧ୍ୟ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେବା ମଧ୍ୟ ଆରମ୍ଭ କରିଛନ୍ତି । ଭାଗମ୍ ଭାଗର ପ୍ରଥମ ପାର୍ଟଟି ୨୦୦୬ ମସିହାରେ ରିଲିଜ୍ ହୋଇଥିଲା । ଯାହା ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶନାରେ ହୋଇଥିଲା । ସେଥିରେ ଅକ୍ଷୟ କୁମାର, ଗୋବିନ୍ଦା, ପରେଶ ରାୱଲ, ଲାରା ଦତ୍ତା, ଜ୍ୟାକି ଶ୍ରଫ, ମନୋଜ ଯୋଶୀ, ଶରଦ ସାକ୍ସେନା, ଅସରାନୀ ଏବଂ ଅରବାଜ ଖାନ ପ୍ରମୁଖ ଅଭିନୟ କରିଥିଲେ ।

## ସରଳ ଉପାୟରେ ପୂରଣ ହେବ ମନସ୍କାମନା



ଶ୍ରାବଣ ମାସ ଭଗବାନ ଶଙ୍କରଙ୍କ ପ୍ରିୟ ମାସ। ତେବେ ଭଗବାନଙ୍କୁ ପ୍ରସନ୍ନ କରିବାର କିଛି ସରଳ ଉପାୟ ବିଷୟରେ ଜାଣନ୍ତୁ। ଏହି ଉପାୟ ଦ୍ୱାରା ମନସ୍କାମନା ପୂରଣ ହେବା ସହ ଶୁଭଫଳ ପ୍ରାପ୍ତି ହୋଇଥାଏ। ତମ୍ବାର ଏକ କଳସରେ ଜଳରେ ଗଙ୍ଗାଜଳ ମିଶାଇ ଶିବ ଲିଙ୍ଗରେ ଜଳ ଅର୍ପଣ କରନ୍ତ। ଏହି ସମୟରେ ମନ୍ତ୍ର ଜପ କରନ୍ତୁ। ଧିରେ ଧିରେ ଏକ ଧାରାରେ ଜଳ ଅର୍ପଣ କରନ୍ତୁ। ଅଖଣ୍ଡିତ ବେଲପତ୍ରରେ ଚନ୍ଦନ ତିଳକ ଲଗାଇ ପ୍ରଭୁଙ୍କୁ ଅର୍ପଣ କରନ୍ତୁ। ବେଲପତ୍ର,ଦୁଦୁରା ଫୁଲ ପ୍ରଭୁଙ୍କୁ ଅର୍ପଣ କରନ୍ତୁ। ଶିବ ମନ୍ଦିରରେ ଘିଅ ଦୀପ ଲଗାଇବା ସହ ୧୦୮ ଥର ଶିବ ମନ୍ତ୍ରର ଜପ କରନ୍ତୁ।

କ୍ଷୀର,ମହୁ ମଧ୍ୟ ପ୍ରଭୁଙ୍କୁ ଅର୍ପଣ କଲେ ମନସ୍କାମନା ପୂରଣ ହୋଇଥାଏ।

ଅସହାୟଙ୍କୁ ଭୋଜନ ଓ ବସ୍ତ୍ର ଦାନ କରନ୍ତୁ।

## ଘରର ପଶ୍ଚିମ ଦିଗରେ ରଖନ୍ତୁ ନାହିଁ ଏହି ସବୁ ଜିନିଷ



ପ୍ରତିଟି ଲୋକ ଘର ଭିତରେ ସକାରାତ୍ମକ ପରିବେଶ ଚାହିଁଥାନ୍ତି । ଏଥିପାଇଁ ବାସ୍ତୁ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ । ଘର ଭିତରେ ସକାରାତ୍ମକ ପରିବେଶ ବଜାୟ ରଖିବା ପାଇଁ ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ। ପ୍ରତ୍ୟେକ ଦିଗର ଭିନ୍ନ ଭିନ୍ନ ମହ□ ରହିଛି । ଦିଗର ମହ□ ଜାଣିବା ପରେ ହିଁ ଆମେ ଘରକୁ ବାସ୍ତୁ ଅନୁସାରେ ସଜାଡ଼ିବା ଉଚିତ ହେବ । ଫଳରେ ଘର ଭିତରେ ସକାରାତ୍ମକ ଚିନ୍ତାଧାରା ବଢିବା ସହ ନକାରାତ୍ମକ ଶକ୍ତି କମ୍ କରିପାରିବେ । ଚାଲନ୍ତୁ ଜାଣିବା ବିଶେଷକରି ପଶ୍ଚିମ ଦିଗ ବିଷୟରେ। ଏହି ଦିଗର ସ୍ୱାମୀ ବରୁଣ ଦେବ। ତାଙ୍କ ସହ ଶନିଙ୍କ ପ୍ରଭାବ ମଧ୍ୟ ରହିଥାଏ ଏହି ଦିଗ ଉପରେ। ଚାଲନ୍ତୁ ଦେଖିବା ପଶ୍ଚିମ ଦିଗରେ କ’ଣ ନ ରଖିବା ଦରକାର। ରଖନ୍ତୁନି ଆକ୍ୱାରିୟମ୍: ପଶ୍ଚିମ ଦିଗରେ ଏପରି କୌଣସି ଜିନିଷ ରଖନ୍ତୁନି, ଯେଉଁଥିରେ ପାଣି ସାମିଲ୍ ରହିଥିବ। ଏହି ଦିଗରେ ଆକ୍ୱାରିୟମ୍ ବା ଫାଉଣ୍ଟେନ୍ ରଖିବା ଉଚିତ ନୁହେଁ । ନହେ଼ ଘର ଭିତରେ ନକାରାତ୍ମକ ଉର୍ଜ୍ଜା ବଢିଥାଏ। ଭଗବାନଙ୍କ ଫଟୋ ରଖନ୍ତୁନି: ପଶ୍ଚିମ ଦିଗରେ କୌଣସି ଭଗବାନଙ୍କ ଫଟୋ ବା ତାଙ୍କ ସମ୍ବନ୍ଧୀୟ ଜିନିଷ ରଖିବା ଅନୁଚିତ। ପୂଜା ପାଇଁ ରଖାଯାଉଥିବା ଭଗବାନଙ୍କ ଫଟୋ ସବୁବେଳେ ପୂଜା ଘରେ ପୂର୍ବ ଆଡକୁ ମୁହଁ କରି ରଖିବା ଉଚିତ। ତୁଳସୀ ରଖାଯାଏନା: ପ୍ରାୟ ଲୋକ ନିଜ ଘରେ ଭିନ୍ନ ଭିନ୍ନ ପ୍ରକାରର ଗଛ ଲଗାଇବାକୁ ଭଲ ପାଇଥାନ୍ତି । କିନ୍ତୁ ପଶ୍ଚିମ ଦିଗରେ କେବେ ବି ତୁଳସୀ ଗଛ ରଖିବା ଅନୁଚିତ । ବାସ୍ତୁ ଅନୁସାରେ ତୁଳସୀ ଗଛ ସର୍ବଦା ପୂର୍ବ ଦିଗ ଆଡ଼କୁ ରଖିବା ଦରକାର । ବଡ଼ ଝରକା ରଖନ୍ତୁନି: ଘରକୁ ବାୟୁ ଚଳାଚଳ କରିବା ପାଇଁ ବଡ଼ ବଡ଼ ଝରକା ରଖିବା ଉଚିତ କିନ୍ତୁ ପଶ୍ଚିମ ଦିଗରେ ଝରକା ବା କବାଟ ରଖିବା ଅନୁଚିତ। ଯଦି ବଡ଼ ଝରକା ରହିଥାଏ, ତେବେ ଏହାକୁ ପରଦା ଦେଇ ବନ୍ଦ କରିଦିଅନ୍ତୁ ।

କରନ୍ତୁନି ପିଲାଙ୍କ ପଢାଘର: ଆଜିକାଲି ସମସ୍ତଙ୍କ ଘରେ ପିଲାଙ୍କ ପଢିବା ପାଇଁ ଗୋଟିଏ ଲେଖାଁଏ ପଢା ଘର ରହୁଛି । ତେବେ ଏହି ପଢା ଘରକୁ ମଧ୍ୟ ପଶ୍ଚିମ ଦିଗରେ ରଖିବା ଅନୁଚିତ। ପଢା ଘର ସବୁବେଳେ ପୂର୍ବ ଦିଗରେ କରନ୍ତୁ, ଯାହା ପିଲାଙ୍କ ପାଇଁ ତଥା ଘର ପାଇଁ ଭଲ ହୋଇଥାଏ ।

## ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ିର ମହତ୍ୱ





ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ି ଏକ ମୁଖ୍ୟ ଶୃଙ୍ଗାର ଦ୍ରବ୍ୟ ଅଟେ। ମାତ୍ର ଏହା କେବଳ ସୌନ୍ଦର୍ଯ୍ୟ ଓ ଶୃଙ୍ଗାର ପାଇଁ ନୁହେଁ ବରଂ ଉତମ ସ୍ୱାସ୍ଥ୍ୟ ପାଇଁ ଏହା ଖୁବ ଲାଭଦାୟକୟ।

ମାନସିକ ସନ୍ତୁଳନ:

ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କର ମାନସିକ ସନ୍ତୁଳନ ସଠିକ ରହିଥାଏ। ବୈଜ୍ଞାନିକଙ୍କ ମତାନୁଯାୟୀ କାଚ ଚୁଡ଼ି ମଧ୍ୟରୁ ହେଉଥିବା ଶବ୍ଦ ବାତାବରଣରେ ଥିବା ନକରାତ୍ମକ ଶକ୍ତିକୁ ନଷ୍ଟ କରିଥାଏ। ଏହାସହ ଚୁଡ଼ି ବାତାବରଣରେ ସକରାତ୍ମକ ଶକ୍ତି ସଂଚାର କରିଥାଆନ୍ତି।

ଥକ୍କାପଣ ଦୂର କରିଥାଏ :

ଚୁଡ଼ି ଯୋଗୁଁ ସୃଷ୍ଟି ହେଉଥିବା ଘର୍ଷଣ ଦ୍ୱାରା ଶରୀରରେ ଶକ୍ତି ସୃଷ୍ଟି ହୋଇଥାଏ। ଯାଦ୍ୱାରା ମହିଳାମାନେ ଶୀଘ୍ର ଥକ୍କାପଣ ଅନୁଭବ କରନ୍ତି ନାହିଁ।

ଶ୍ୱାସ ରୋଗ:

ସୁନା ଓ ରୂପା ଚୁଡ଼ି ପିନ୍ଧିବା ଦ୍ୱାରା ମଧ୍ୟ ଏଥିରେ ଥିବା ଧାତୁ ଶରୀର ପାଇଁ ଖୁବ ଉପକାରୀ ହୋଇଥାଏ। ହସ୍ତରେ ସୁନା, ରୂପା , କାଚ ଆ।ଦି ଚୁଡ଼ି ଧାରଣ କରିବା ଦ୍ୱାରା ମହିଳାମାନଙ୍କର ଶ୍ୱାସ, ହୃଦ ରୋଗ ହେବାର ସମ୍ଭାବନା ଖୁବ କମ ଥାଏ।

ହରମୋନ ସନ୍ତୁଳନ କରିଥାଏ :

ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କ ଶରୀରରେ ହରମୋନ ସଠିକ ସ୍ତରରେ କ୍ଷରଣ ହୋଇଥାଏ।

ରକ୍ତ ପ୍ରବାହ :

ଚୁଡ଼ି ପିନ୍ଧିବା ଦ୍ୱାରା ଏହା ହସ୍ତରେ ଘର୍ଷଣ ହୋଇ ହାତରେ ରକ୍ତ ସଂଚାଳନ ସୂଚାରୁ ରୂପେ କରିଥାଏ।



## ଖଟରେ ବସି କରନ୍ତୁ ନାହିଁ ଭୋଜନ

ଆଧୁନିକ ଜୀବନଶୈଳୀରେ ଅନେକ ସମୟରେ ଆମେ ଖାଦ୍ୟ ଖାଇବା ନୀତିନିୟମରେ ପରିବର୍ତ୍ତନ କରିଥାଉ। ପ୍ରଥମେ ଲୋକେ ଚଟାଣରେ ଆସନ ପକାଇ ଭୋଜନ କରୁଥିଲେ। ଖାଦ୍ୟ



ସହ କଥାବାର୍ତ୍ତା ମଧ୍ୟ କରୁନଥିଲେ। ଜ୍ୟୋତିଷଙ୍କ ମତାନୁଯାୟୀ, ଖାଦ୍ୟ ଖାଇବାର ଅଭ୍ୟାସ ଓ ପ୍ରଣାଳୀ ଆମ ଗ୍ରହଙ୍କ ଉପରେ ପ୍ରଭାବ ପକାଇଥାଏ। ଜାଣନ୍ତୁ.

ଭ ଖଟରେ ବସି କଦାପି ଭୋଜନ କରନ୍ତୁ ନାହିଁ। ଏହାଦ୍ୱାରା ଅନ୍ନର ଅବମାନନା ହୋଇଥାଏ। ରାହୁଙ୍କ କୁପ୍ରଭାବ ପଡ଼ିଥାଏ।

ଭ ଭୋଜନ କରିବା ସମୟରେ ଟିଭି ଦେଖନ୍ତୁ ନାହିଁ। ବହି ପଢନ୍ତୁ ନାହିଁ। ଏପରି କରିବା ଦ୍ୱାରା ଶ୍ୱାସନଳୀ ମଧ୍ୟରେ ଭୋଜନର ରହିଥାଏ।

ଭଖାଦ୍ୟ ଖାଇବା ପୂର୍ବରୁ ହାତ ଓ ଗୋଡ଼ ଭଲ ଭାବେ ଧୁଅନ୍ତୁ। ଶୀଘ୍ର ଶୀଘ୍ର ଖାଦ୍ୟ ଖାଆନ୍ତୁ ନାହିଁ।

ଭ ଖାଦ୍ୟ ଖାଇବାର ସଙ୍ଗେ ସଙ୍ଗେ ପାଣି ପିଅନ୍ତୁ ନାହିଁ। ଅତି ଆବଶ୍ୟକ ହେଲେ ସାମାନ୍ୟ ପିଇପାରିବେ।

ଭସର୍ବଦା ବସିବା ଅବସ୍ଥାରେ ଭୋଜନ କରନ୍ତୁ। ଖାଦ୍ୟ ଖାଇବାର ୪୦ ମିନିଟ ପରେ ପାଣି ପିଅନ୍ତୁ।

ଭଭୋଜନ କରିବା ପରେ କିଛି ଧୋଇଦିଅନ୍ତି। ଏହାଦ୍ୱାରା ମା’ଲକ୍ଷ୍ମୀଙ୍କ ଅବମାନନା ହୋଇଥାଏ। ଚନ୍ଦ୍ର ଓ ଶୁକ୍ରଙ୍କର କୁପ୍ରଭାବ ପଡ଼ିଥାଏ। ଘରୁ ସୁଖ-ସମୃଦ୍ଧି ହ୍ରାସ ପାଇଥାଏ।

ଭ ଖାଦ୍ୟ ଖାଇବା ପରେ ଥାଳିରେ ବଳକା ଖାଦ୍ୟ ଛାଡ଼ନ୍ତୁ ନାହିଁ। ଖାଦ୍ୟ ଖାଇବା ସମୟରେ ପ୍ରଥମେ ଏହାକୁ ମସ୍ତକରେ ଲଗାଇ ଭୋଜନ କରନ୍ତୁ। ଭୋଜନ କରିବା ସମୟରେ ପୂର୍ବ ଦିଗକୁ ମୁହଁ କରି ଭୋଜନ କରନ୍ତୁ।

ନଗରନକ୍ସା
ମହାନଗରର ନିଜ ଭାଷା
ରବିବାର, ୮ ଫେବୃଆରୀ, ୨୦୨୬


# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନ୍ୟାସନାଲ୍ ଡିଫେନ୍ସ କଲେଜ୍ ପ୍ରଶିକ୍ଷାର୍ଥୀ'



**ଭୁବନେଶ୍ୱର,୭।୨ (ମହାଭାରତ):** ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶା ଆସିଥିବା ଦିଲ୍ଲୀ ସ୍ଥିତ ନ୍ୟାସନାଲ୍ ଡିଫେନ୍ସ କଲେଜ୍‌ର ପ୍ରଶିକ୍ଷାର୍ଥୀ ଅଧିକାରୀଗଣ ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀ ମାନଙ୍କ ସମେତ ଆର୍ମେନିଆ, ଭୁଟାନ, ଶ୍ରୀଲଙ୍କା, ମଙ୍ଗୋଲିଆ, ଏବଂ ନେପାଳର ସେନାବାହିନୀ ଅଧିକାରୀ ମାନେ ମଧ୍ୟ ଯୋଗ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମପାଇଁ 'ଦେଶ' ର ଅର୍ଥ ହେଉଛି କେବଳ ଜାତୀୟ ସେବା। ଏହା ଆମର ପ୍ରତିବଦ୍ଧତା। ପ୍ରତ୍ୟେକ ସାମରିକ ଅଧିକାରୀଙ୍କ ଭାବାବେଗ ସହିତ ଆମର ଏହି ମନୋଭାବ ଗଭୀର ଭାବରେ ଜଡିତ ବୋଲି ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ କହିଥିଲେ। ଅପରେସନ ସିନ୍ଦୁରର ସଫଳତା ଓ ଭାରତୀୟ ସଶସ୍ତ୍ର ବାହିନୀର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅପରେସନ ସିନ୍ଦୁର ସମୟରେ ଆମର ବାହିନୀ ଦ୍ୱାରା ଦେଖାଯାଇଥିବା ସାହସ ଏବଂ ସାହସିକତାକୁ ମୁଁ ସଲାମ କରୁଛି। ଏହି ଅପରେସନ୍ ଆପଣଙ୍କ ଶୃଙ୍ଖଳା, ଦୃଢ଼ ପ୍ରତିବଦ୍ଧତା ଏବଂ ନିଃସ୍ୱାର୍ଥପର ସେବାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏଥିସହିତ, ମୁଖ୍ୟମନ୍ତ୍ରୀ ପ୍ରାଚୀନ ଓଡ଼ିଶାର ବୀରତ୍ୱ ଏବଂ ପରାକ୍ରମ ଉପରେ ଆଲୋକପାତ କରିବା ସହିତ ଶିଳ୍ପ, ଭିତିଭୂମି, ଶିକ୍ଷା, କ୍ରୀଡା ଏବଂ ବିପର୍ଯ୍ୟୟ ପରିଚାଳନାରେ, ଆମ ରାଜ୍ୟ ଆଜି ସମଗ୍ର ଭାରତରେ କିଭଳି ଏକ ନୂତନ ପରିଚୟ ସୃଷ୍ଟି କରିଛି, ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ବିଭିନ୍ନ ଦେଶରୁ ଆସିଥିବା ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ଏବଂ ସବୁକ୍ଷେତ୍ରରେ ଓଡ଼ିଶାର ଦ୍ରୁତ ବିକାଶ ଦେଖି ପ୍ରଶଂସା କରିଥିଲେ। ଏଥିରେ ଭାରତୀୟ ସଶସ୍ତ୍ର ବାହିନୀର ବରିଷ୍ଠ ଅଧିକାରୀ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବା ଦେଶର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଏୟାର ମାର୍ଶାଲ ମନୀଷ କୁମାର ଗୁପ୍ତା, ମେଜର ଜେନେରାଲ ସିପି ସାଙ୍ଗରା, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀଗଣ ପ୍ରମୁଖ ଉପସ୍ଥିତ ଥିଲେ।

# ରୋମାନିଆ ଯିବେ କିସ୍‌ର ୧୦ ଛାତ୍ରୀଛାତ୍ରୀ

**ଭୁବନେଶ୍ୱର,୭।୨ (ମହାଭାରତ):** ଓଡ଼ିଶାର ଜନଜାତି ଭାଷାରେ ପରିବେଷଣ ହେବ ପ୍ରଖ୍ୟାତ ନାଟ୍ୟକାର ସେକ୍‌ସପିଅରଙ୍କ ନାଟକ। ରୋମାନିଆରେ ଏହି ନାଟକ ପରିବେଷଣ କରିବେ କିସ୍‌ର ଛାତ୍ରଛାତ୍ରୀ। ଏଥିପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି। ଏଥିରେ ସାମିଲ ହୋଇଛନ୍ତି କିସ୍‌ର ୧୦ଜଣ ପିଏଚ୍‌ଡି, ସ୍ନାତକ, ସ୍ନାତକୋତ୍ତର ଓ ବିବିଏ ପଢୁଥିବା ଛାତ୍ରଛାତ୍ରୀ। ଆସନ୍ତା ମେ ମାସରେ ରୋମାନିଆର କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ସେକ୍‌ସପିଅର ମହୋତ୍ସବରେ ଏହି ଛାତ୍ରଛାତ୍ରୀମାନେ ଯୋଗଦେଇ ସେକ୍‌ସପିଅରଙ୍କ ନାଟକକୁ ଜନଜାତି ଭାଷାରେ ପରିବେଷଣ କରିବେ। ବିଶ୍ୱ ରଙ୍ଗମଞ୍ଚରେ କିସ୍ ଛାତ୍ରଛାତ୍ରୀ ସେମାନଙ୍କ ନିଜସ୍ୱ ଭାଷାରେ ୩ଟି ସେକ୍‌ସପିଅର ନାଟକ ପରିବେଷଣ କରିବେ। ଏହା କିସ୍, ଜନଜାତି ସମାଜ ଓ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କୁହାଯାଉଛି। ଏବେ ଛାତ୍ରଛାତ୍ରୀମାନେ ନାଟକ ଅଭ୍ୟାସ ଆରମ୍ଭ କରିଛନ୍ତି। ଦୀର୍ଘ ଦୁଇମାସ ଧରି ସେମାନେ ରୋମାନିଆରେ ରହି ପୁନର୍ବାର ନାଟକ ଅଭ୍ୟାସ ଜାରି ରଖିବେ ଓ ପରିବେଷଣ କରିବେ। କୌଣସି ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀ ସେକ୍‌ସପିଅରଙ୍କ ନାଟକ ଶିଖି ଅନ୍ତର୍ଜାତୀୟ ମଞ୍ଚରେ ଅଭିନୟ କରିବା ଭାରତରେ ପ୍ରଥମ ବୋଲି କୁହାଯାଉଛି। ଏଥିରେ ଖୁସିବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ୫୪୫୧ ନିଖୋଜ ବ୍ୟକ୍ତି ଉଦ୍ଧାର

**ଭୁବନେଶ୍ୱର,୭।୨ (ମହାଭାରତ):** ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁନଃ ପରିବାର ସହ ମିଳନ କରାଇବାରେ ଓଡ଼ିଶା ପୋଲିସ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଗତ ୨୧.୦୧.୨୦୨୬ ରୁ ୩୦.୦୧.୨୦୨୬ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟବ୍ୟାପୀ 'ଅପରେସନ୍ ଅନ୍ୱେଷଣ-୨' ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ରାଜ୍ୟର ସମସ୍ତ ଜିଲ୍ଲା ଓ ସହରାଞ୍ଚଳ ପୋଲିସ ସକ୍ରିୟ ଭାବେ ସାମିଲ ହୋଇ ରେକର୍ଡ ସଂଖ୍ୟକ ୫୪୫୧ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ସେଥିମଧ୍ୟରେ ୭୭ ଜଣ ନାବାଳକ, ୭୦୯ ଜଣ ନାବାଳିକା ଓ ୪୬୬୫ ଜଣ ମହିଳା ଅନ୍ତର୍ଭୁକ୍ତ ଅଛନ୍ତି। ପୁରୀ ଜିଲ୍ଲା ପୋଲିସ ସର୍ବାଧିକ ୬୧୩ ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିବା ବେଳେ କଟକ ଜିଲ୍ଲା ୫୦୧ ଜଣ, ଭଦ୍ରକ ଜିଲ୍ଲା ୪୨୯ ଜଣ ଉଦ୍ଧାର କରିଛନ୍ତି। ସେହିପରି ଗଞ୍ଜାମ ଜିଲ୍ଲା ୪୧୩ ଜଣ, କେନ୍ଦ୍ରାପଡ଼ା ୩୪୬ ଜଣ, ଯାଜପୁର ୨୭୧




ଜଣ, ବରଗଡ଼ ୨୩୬ ଜଣ, ଅନୁଗୁଳ ୨୧୦ ଜଣ, ଢେଙ୍କାନାଳ ୨୦୬ ଜଣ, ଜଗତସିଂପୁର ୧୭୭ ଜଣ, ନୂଆପଡ଼ା ୧୭୩ ଜଣ, ବ୍ରହ୍ମପୁର ୧୭୦ ଜଣ, କେଉଁଝର ୧୬୧ ଜଣ, ସୁନ୍ଦରଗଡ ୧୩୫ ଜଣ, କଟକ ସହରାଂଚଳ ୧୩୪, କଳାହାଣ୍ଡି ୧୩୩ ଜଣ, ନୟାଗଡ ୧୨୭ ଜଣ, ବାଲେଶ୍ୱର ୧୨୫ ଜଣ, ମୟୂରଭଞ୍ଜ ୧୧୯ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କୁ ପରିବାର ସହ ପୁନଃମିଳନ କରାଇବା ସହ ଆବଶ୍ୟକ ସୁବିଧା ସୁଯୋଗ ନିଶ୍ଚିତ କରିବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ଅଟେ। ଜିଲ୍ଲା ପୋଲିସ, ରେଳବାଇ ପୋଲିସ ଓ ସହରାଞ୍ଚଳ ପୋଲିସର ସମନ୍ୱିତ ଓ ସକ୍ରିୟ କାର୍ଯ୍ୟଦକ୍ଷତା ଫଳରେ ଏହି ସଫଳତା ସମ୍ଭବ ହୋଇପାରିଛି। ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓଡ଼ିଶା ପୋଲିସର ଏହି ସଫଳତା ପାଇଁ ସମସ୍ତ ସଂପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା କରିଥିବା ସହ ଆଗାମୀ ଦିନରେ ମଧ୍ୟ ନିଖୋଜ ଶିଶୁ ଓ ମହିଳାଙ୍କ ସୁରକ୍ଷା, ଉଦ୍ଧାର ଓ ପାଇଁ ଏପରି ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ସୂଚନା ଦେଇଛନ୍ତି।

# କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ବିଜେଡି

**ଭୁବନେଶ୍ୱର,୭।୨ (ମହାଭାରତ):** ମଣ୍ଡି ଓ ଧାନକିଣାରେ ଅବ୍ୟବସ୍ଥା, ଟୋକନ ଅବଧି ସରିଯିବା ପରେ ବି ଧାନ ନଉଠିବା ଓ ମାସ ମାସ ଧରି ଚାଷୀଙ୍କୁ ହଇରାଣ କରାଯିବା ଅଭିଯୋଗରେ ଆଜି ରାଜରାସ୍ତାକୁ ଓହ୍ଲାଇଛି ବିଜେଡ଼ି। ଆଜି କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛି ବିଜେଡ଼ି। ଏପରିକି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ବିଜେଡିର ବହୁ ନେତୃବୃନ୍ଦ ସାମିଲ ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଦଗାର କରିଥିଲେ। ଅପରାହ୍ନରେ ବିଜେଡି ନେତା ଓ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଯାଉଥିବାବେଳେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଜିଲ୍ଲାପାଳ ଆସିବାରେ ବିଳମ୍ବ କରିବା ସହିତ ତାଙ୍କ ପ୍ରତିନିଧି ଭାବେ ଭବାନୀପାଟଣା ଉପଜିଲ୍ଲାପାଳଙ୍କୁ ଆଲୋଚନା ପାଇଁ ପଠାଇଥିଲେ। କିନ୍ତୁ ଜିଲ୍ଲାପାଳ ନିଜେ ଆସି ଦାବିପତ୍ର ଗ୍ରହଣ କରିବାକୁ ଜିଦ ଧରି ଅଡ଼ି ବସିଥିଲେ ବିଜେଡି ନେତୃବୃନ୍ଦ। ତେବେ ଦୀର୍ଘ ସମୟ ଧରି ଜିଲ୍ଲାପାଳ ନ ଆସିବାରୁ ଶତାଧିକ ବିଜେଡି ନେତା ଓ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶି ନାରାବାଜି କରିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ଓ ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟିକା ମନୋରମା ମହାନ୍ତି, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, ମୌସୁଧି ବାଗ, ଦୁଷ୍ମନ୍ତ ନାଏକ, ଜିଲ୍ଲା ପରିଷଦ ଉପାଧକ୍ଷା ସୁଧୀରା ମେହେର, ସମବାୟ ବ୍ୟାଙ୍କ ସଭାପତି ଗିରୀଶ ବେହେରା, ସମାଜ କଲ୍ୟାଣ ବୋର୍ଡ ସଦସ୍ୟା କଲ୍ୟାଣୀ ନାଏକ, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡଙ୍କ ସହିତ ବିଜେଡି ଜିଲ୍ଲା ପରିଷଦ ସଦସ୍ୟ, ସଦସ୍ୟା, ବ୍ଲକ ଅଧକ୍ଷ, ଅଧକ୍ଷା, ସମିତି ସଦସ୍ୟ, ସଦସ୍ୟା ଏବଂ ମ୍ୟୁନିସିପାଲିଟି ଓ ଏନଏସି କାଉନସିଲର, ବିଜେଡି ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲ୍ଲାର ୧୩ ଗୋଟି ବ୍ଲକ ଓ ସହରାଞ୍ଚଳରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱର୍ ପୁରୁଷ ମହିଳା କର୍ମୀ, ଚାଷୀ ଓ ଜନସାଧାରଣ ଯୋଗ ଦେଇଥିଲେ। ବିକ୍ଷୋଭ ଓ ପ୍ରତିବାଦ ସଭା ପୂର୍ବରୁ ସର୍କିଟ ହାଉସରୁ କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଓ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ କର୍ମୀମାନଙ୍କ ସହିତ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସଭାସ୍ଥଳରେ ପହଞ୍ଚିଥିଲେ।



# ନବିକରଣୀୟ ଶକ୍ତି ପ୍ରଯୁକ୍ତି ବିଦ୍ୟା କ୍ଷମତା ବୃଦ୍ଧି କର୍ମଶାଳା

**ଭୁବନେଶ୍ୱର,୭।୨ (ମହାଭାରତ):** ଓଡ଼ିଶା ସରକାରଙ୍କ ସରକାରୀ ଉଦ୍ୟୋଗ ବିଭାଗର ତତ୍ତ୍ୱାବଧାନରେ ଆଜି ଏଠାରେ ଗ୍ରିଡକୋ ସହାୟତାରେ 'ନବିକରଣୀୟ ଶକ୍ତି ପ୍ରଯୁକ୍ତିବିଦ୍ୟା କ୍ଷମତା ବୃଦ୍ଧିକାରୀ' କର୍ମଶାଳା ଆୟୋଜିତ ହୋଇଯାଇଛି। ଆନୁଷ୍ଠାନିକ ଦକ୍ଷତାକୁ ସୁଦୃଢ଼ କରିବା, ବୈଷୟିକ-ବାଣିଜ୍ୟିକ ବୁଝାମଣାରେ ସୁଧାର ଆଣିବା ଏବଂ ରାଜ୍ୟରେ ନବିକରଣୀୟ ଶକ୍ତିର ପ୍ରସାର ପାଇଁ ସମନ୍ୱିତ ନିଷ୍ପତ୍ତି ଗ୍ରହଣ କରିବା ନିମନ୍ତେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରମୁଖ ନବିକରଣୀୟ ଶକ୍ତି ପ୍ରଯୁକ୍ତିବିଦ୍ୟା ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିବା, ଅଂଶଗ୍ରହଣକାରୀମାନଙ୍କୁ ପ୍ରଯୁକ୍ତି ବିଦ୍ୟା- ବାଣିଜ୍ୟିକ ବିଦ୍ୟା ଏବଂ ନୀତିଗତ ଢାଞ୍ଚା ସହିତ ପରିଚିତ କରାଇବା ଏବଂ ପ୍ରଭାବଶାଳୀ କାର୍ଯ୍ୟ ପାଇଁ ପ୍ରୋତ୍ସାହିତ କରିବା।




ଓଡ଼ିଶା ନବିକରଣୀୟ ଶକ୍ତି କ୍ଷମତା ହାସଲ କରିବାକୁ ଏକ ମହାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି କର୍ମଶାଳାରେ ସରକାରୀ ଉଦ୍ୟୋଗ ତଥା ପ୍ରଶାସନିକ ବିଭାଗ ମାନଙ୍କ ମଧ୍ୟରେ ସମନ୍ୱୟ, ସୂଚନାଭିତ୍ତିକ ପ୍ରକଳ୍ପ ଯୋଜନା ଏବଂ ନବିକରଣୀୟ ଶକ୍ତି ପ୍ରଯୁକ୍ତିବିଦ୍ୟା ଓ ଏହାର କାର୍ଯ୍ୟକାରିତା ବିଷୟରେ ପ୍ରମୁଖ ବିଭାଗର ବରିଷ୍ଠ ଅଧିକାରୀ, ପିଏସ୍‌ୟୁର ପଦଧିକାରୀ, କ୍ଷେତ୍ର ବିଶେଷଜ୍ଞ ଏବଂ ଅନ୍ୟ ଅଧିକାରୀମାନଙ୍କୁ ସଚେତନ କରାଯାଇଛି। କାର୍ମଶାଳାରେ ସରକାରୀ ଉଦ୍ୟୋଗ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍ ବି ଏସ୍ ରାଜପୁତ, ଗ୍ରିଡକୋର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ, ନିର୍ଦ୍ଦେଶକ (ଏଫ୍‌ଆଣ୍ଡସିଏ ) କେ.ସି. ନନ୍ଦ, ନିର୍ଦ୍ଦେଶକ (କମର୍ସିଆଲ୍ ) ଦେବାଶିଷ ଦାସ, ସିପିଏମ୍ ମହେଶ ପ୍ରସାଦ ଦାଶ, ଓରେଡ଼ାର ନିର୍ଦ୍ଦେଶକ (ବୈଷୟିକ) ସୌମ୍ୟରଞ୍ଜନ ଆଇଚ୍, ପ୍ରୋଗ୍ରାମ ଡାଇରେକ୍ଟର, ଆ।ଇ ଫରେଷ୍ଟ ମାଣ୍ଡଭୀ ସିଂ, ସରକାରୀ ଉଦ୍ୟୋଗ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଲିପ୍ସା ଦାସ ଓ ଅତିରିକ୍ତ ଶାସନ ସଚିବ ସୁଶାନ୍ତ କୁମାର ସିଂଙ୍କ ସମେତ ଅନ୍ୟ ସରକାରୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସ କର୍ମକର୍ତ୍ତାଙ୍କ ସାମୂହିକ ଇସ୍ତଫା

**ଭୁବନେଶ୍ୱର,୭।୨ (ମହାଭାରତ):** ଓଡ଼ିଶା ପ୍ରଦେଶ କଂଗ୍ରେସରେ ଏକ ବଡ଼ ଧରଣର ବିଭ୍ରାଟ ଦେଖାଦେଇଛି । କଟକ ସଦର ନିର୍ବାଚନ ମଣ୍ଡଳୀର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ସକ୍ରିୟ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ବହୁ ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ଆଜି ଦଳର ପ୍ରାଥମିକ ସଦସ୍ୟ ପଦରୁ ସାମୂହିକ ଇସ୍ତଫା ପ୍ରଦାନ କରିଛନ୍ତି। ଏହି ନିଷ୍ପତ୍ତି କଟକ ଜିଲ୍ଲା ରାଜନୀତିରେ ଏକ ପ୍ରକାର କମ୍ପନ ସୃଷ୍ଟି କରିଥିବା ବେଳେ ପ୍ରଦେଶ କଂଗ୍ରେସ କମିଟିର ସଭାପତିଙ୍କ ନିକଟକୁ ଏହି ଇସ୍ତଫା ପତ୍ର ପଠାଯାଇଛି। ଆଜି କଟକର ଧାକୁଲାଇ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ କରାଯାଇ ଏହି ସମୂହ ଇସ୍ତଫା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିବା ସହ ନୂତନ ଆଶା ଓ ବିଚାରର ସମନ୍ୱୟରେ ଆଗାମୀ ଦିନରେ କାମ କରିବା ବୋଲି କହିଥିଲେ। ଇସ୍ତଫା ଦେଇଥିବା ସମସ୍ତ କର୍ମକର୍ତ୍ତା ଶ୍ରୀ ମୋକିମଙ୍କ ନୂତନ ସଙ୍ଗଠନରେ ଯୋଗଦେବା ପାଇଁ ସହମତି ଜଣାଇଛନ୍ତି। ଇସ୍ତଫା ଦେଇଥିବା ନେତୃବୃନ୍ଦଙ୍କ ମଧ୍ୟରେ କଟକ ଜିଲ୍ଲା କଂଗ୍ରେସର ପୂର୍ବତନ ଉପ-ସଭାପତି ଦୀପକ ପରିଡ଼ା, କଟକ ସଦରର ପୂର୍ବତନ ଯୁବ ସଭାପତି ଜୀବନ ଜେନା, କଳପଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ଅସ୍ମିତା ସାହୁ, ବରିଷ୍ଠ ନେତା ସିଦ୍ଧେଶ୍ୱର ପଟି, ପ୍ରଭାସ ପଣ୍ଡା, ନାୟକ ସରପଞ୍ଚ କଳପଡା ପଂଚାୟତ ସଂବିତ ପରିଡା, ରମେଶ ମଲ୍ଲିକ, ଜଗମୋହନ ମହାପାତ୍ର, ରବି ନାରାୟଣ ନାୟକ ସାମିଲ ଅଛନ୍ତି।

# ସନ୍ଥ ଶିରୋମଣି ଗୁରୁ ରବି ଦାସଜୀଙ୍କ ଜୟନ୍ତୀ



**ଭୁବନେଶ୍ୱର,୭।୨ (ମହାଭାରତ):** ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ୬୪୯ତମ ଜୟନ୍ତୀ ଜୟଦେବ ନିର୍ବାଚନ ମଣ୍ଡଳୀ ପମ୍ପାଲୋ ସେବା ବସ୍ତି ଠାରେ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ବାଇଧର ମଲ୍ଲିକ ଯୋଗ ଦେଇ କହିଛନ୍ତି ଯେ, ସନ୍ଥ ରବି ଦାସ ଜୀ କହୁଥିଲେ 'ମନ୍ ଚଙ୍ଗା ତୋ କଠୌତି ମେଁ ଗଙ୍ଗା'। ସୋମବାର ଭାଜପା ନେତୃତ୍ୱାଧୀନ ସନ୍ଥ ରବି ଦାସ ଜୀଙ୍କୁ ଆଦର୍ଶ ଭାବେ ଗ୍ରହଣ କରି 'ସବ୍‌କା ସାଥ୍ ସବ୍‌କା ବିକାଶ ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ' ମନ୍ତ୍ରକୁ ଆଗେଇ ନେଇଛି । ୮୦ କୋଟି ଲୋକଙ୍କୁ ମାଗଣା ରାସନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନଳ ଓ ଜଳ ଯୋଜନା ଏସବୁ ମାଧ୍ୟମରେ ସନ୍ଥ ରବି ଦାସ ଜୀଙ୍କ 'ବେଗମପୁରା' ସ୍ୱପ୍ନକୁ ସାକାର କରାଯାଇଛି । ସପ୍ତାହବ୍ୟାପୀ ସମସ୍ତ ନିର୍ବାଚନ ମଣ୍ଡଳୀରେ ପାଳନ ହେବ ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ଜୟନ୍ତୀ । ଏହି ଅବସରରେ ଅନୁସୂଚୀତ ଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ କୁମାର ମଲ୍ଲିକ, ବରିଷ୍ଠ ନେତା ଶିବ ମଲ୍ଲିକ, ପବିତ୍ର ଭୋଇଙ୍କ ସମେତ ଅନେକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ୬ ଟ୍ରେନ୍ ବାତିଲ୍

**ଭୁବନେଶ୍ୱର,୭।୨ (ମହାଭାରତ):** ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ଯାଜପୁର କେନ୍ଦୁଝର ରୋଡ୍ ଏବଂ ଜଖପୁରା ମଧ୍ୟରେ ତୃତୀୟ ଲାଇନର କାର୍ଯ୍ୟକ୍ଷମତା ସହିତ ଜଖପୁରା ଷ୍ଟେସନରେ ନନ୍-ଇଂଟରଲକିଂ କାର୍ଯ୍ୟକଳାପ ସହିତ ଜଡ଼ିତ ଜରୁରୀ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟର ନିରାପଦ ଏବଂ ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ, ୬ଟି ଟ୍ରେନ୍ ଗୁଡ଼ିକ ବାତିଲ କରାଯିବ। ୬୮୪୨୪/୬୮୪୨୩ କଟକ-ଭଦ୍ରକ-କଟକ ମେମୁ ୨ ରୁ ୧୩ ଫେବୃଆରୀ ପର୍ଯ୍ୟନ୍ତ ବାତିଲ ରହିବ।୬୮୪୩୮/୬୮୪୩୭ କଟକ-ଭଦ୍ରକ-କଟକ ମେମୁ ୨ ରୁ ୧୩ ଫେବୃଆରୀ ପର୍ଯ୍ୟନ୍ତ ବାତିଲ ରହିବ। ୬୮୪୪୨ ପୁରୀ-ଜଳେଶ୍ୱର ମେମୁ ୧ ରୁ ୧୨ ଫେବୃଆରୀ ପର୍ଯ୍ୟନ୍ତ ବାତିଲ ରହିବ। ୬୮୪୪୧ ଜଳେଶ୍ୱର -ପୁରୀ ମେମୁ ୨ ରୁ ୧୩ ଫେବୃଆରୀ ପର୍ଯ୍ୟନ୍ତ ବାତିଲ ରହିବ। ୬୮୪୨୬ ଖୋର୍ଦ୍ଧା ରୋଡ୍ – କେନ୍ଦୁଝରଗଡ଼ ମେମୁ ୧ ରୁ ୧୨ ଫେବୃଆରୀ ପର୍ଯ୍ୟନ୍ତ ବାତିଲ ରହିବ। ୬୮୪୨୫ କେନ୍ଦୁଝରଗଡ଼-ଖୋର୍ଦ୍ଧା ରୋଡ୍ ମେମୁ ୨ ରୁ ୧୩ ଫେବୃଆରୀ ପର୍ଯ୍ୟନ୍ତ ବାତିଲ ରହିବ।ନିମ୍ନଲିଖିତ ଟ୍ରେନଗୁଡ଼ିକ ନିମ୍ନଲିଖିତ ତାରିଖରେ ସୂଚାଯାଇଥିବା ଷ୍ଟେସନରେ ସଂକ୍ଷିପ୍ତ-ଉତ୍ପତି/ ସଂକ୍ଷିପ୍ତ-ଅବଧି କରିବ: ୧୮୦୨୧ ଖଡ଼ଗପୁର-ଖୋର୍ଦ୍ଧା ରୋଡ୍ ଏକ୍ସପ୍ରେସ୍ ୨ ରୁ ୧୨ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡ୍ ପରିବର୍ତେ ଯାଜପୁର କେଉଁଝର ରୋଡ୍ ରେ ସଂକ୍ଷିପ୍ତ ଅବଧି କରିବ।

# ସିଫାରେ ତେଲଙ୍ଗାନା ଗଣମାଧ୍ୟମ ପ୍ରତିନିଧି

**ଭୁବନେଶ୍ୱର,୭।୨ (ମହାଭାରତ):** ପିଆଇବି ତତ୍ତ୍ୱାବଧାନରେ ତେଲଙ୍ଗାନାରୁ ଆସିଥିବା ଗଣମାଧ୍ୟମ ପ୍ରତିନିଧି ଦଳ ଓଡ଼ିଶା ଗସ୍ତର ତୃତୀୟ ଦିନରେ ଆଜି ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟପାଳନ ସଂସ୍ଥାନ(ସିଫା) ପରିଦର୍ଶନ କରିଛନ୍ତି। ସଂସ୍ଥାର ନିର୍ଦ୍ଦେଶକ ଡା. ପ୍ରମୋଦ କୁମାର ସାହୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସ୍ୱାଗତ କରି ସିଫାର ଲକ୍ଷ୍ୟ, ଗବେଷଣା କାର୍ଯ୍ୟକଳାପ ଓ ଦେଶର ମଧୁର ପାଣି ମାଛଚାଷ କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ଅବଗତ କରାଇଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ସିଫାର ବୈଜ୍ଞାନିକମାନଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ରୋଗ ପ୍ରତିରୋଧକ ମାଛ ପ୍ରଜନନ, ଜେନେଟିକ୍ ଉନ୍ନତିକରଣ ଏବଂ ସ୍ଥାୟୀ ମତ୍ସ୍ୟ ଚାଷ ପ୍ରଣାଳୀ କ୍ଷେତ୍ରରେ ହାସଲ ହୋଇଥିବା ସଫଳତା ସମ୍ପର୍କରେ ବିଶେଷ ସୂଚନା ପାଇଥିଲେ। ପରେ ସେମାନେ ଏକ ମାର୍ଗଦର୍ଶିତ କ୍ଷେତ୍ର ପରିଦର୍ଶନ କରି, ସମଗ୍ର ପ୍ରଜନନ ଏବଂ ପାଳନ ପ୍ରକ୍ରିୟାକୁ ପ୍ରତ୍ୟକ୍ଷ ଭାବେ ଦେଖିବାର ଅଭିଜ୍ଞତା ହାସଲ କରିଥିଲେ। ଏହା ସହ ଗଣମାଧ୍ୟମ ପ୍ରତିନିଧି ଦଳ ଅନୁଷ୍ଠାନର ବାୟୋଫ୍ଲୋକ୍ ୟୁନିଟ୍, ଅର୍ଣ୍ଣାମେଣ୍ଟାଲ୍ ? ଫିସ୍ ହ୍ୟାଚେରୀ କମ୍ପ୍ଲେକ୍ସ ଏବଂ ଏୟାର୍-ବ୍ରିଦିଂ ଫିସ୍ ହ୍ୟାଚେରୀ କମ୍ପ୍ଲେକ୍ସ ବୁଲି ଦେଖିଥିଲେ। ଅନୁଷ୍ଠାନର ବୈଜ୍ଞାନିକମାନେ ଆଧୁନିକ ହ୍ୟାଚେରୀ ପରିଚାଳନା, ସ୍ୱଚ୍ଛ ଜଳ ବ୍ୟବହାରକାରୀ ଚାଷ ପ୍ରଣାଳୀ ଏବଂ ଜୀବିକା ଭିତ୍ତିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ବାୟୋଫ୍ଲୋକ୍ ପଦ୍ଧତି କିପରି ମାଛର ସ୍ୱାସ୍ଥ୍ୟ ରକ୍ଷା କରିବା ସହ ଖାଦ୍ୟ ଖର୍ଚ୍ଚ କମାଇବାରେ ଏବଂ ଚାଷୀଙ୍କ ଉତ୍ପାଦନ ବଢ଼ାଇବାରେ ସହାୟକ ହେଉଛି, ସେ ସମ୍ପର୍କରେ ପ୍ରତିନିଧିମାନଙ୍କୁ ବୁଝାଇଥିଲେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅଧୀନରେ କାର୍ଯ୍ୟରତ ସିଫା, କ୍ଷମତା ବିକାଶ, କ୍ଷେତ୍ର ପ୍ରଦର୍ଶନ ଓ ପ୍ରଯୁକ୍ତି ହସ୍ତାନ୍ତର ମାଧ୍ୟମରେ ସ୍ଥାୟୀ ମତ୍ସ୍ୟଚାଷ ପ୍ରଚାରରେ ଅଗ୍ରଣୀ ଭୂମିକା ନେଇ କୃଷକମାନଙ୍କ ଆୟ ବୃଦ୍ଧି ଏବଂ ପୋଷଣ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। କାର୍ଯ୍ୟକ୍ରମକୁ ଏଫଜିବି ବିଭାଗ ମୁଖ୍ୟ ଡକ୍ଟର ଜେ. କେ. ସୁନ୍ଦରାୟ ଏବଂ ଏପିଇ ବିଭାଗ ମୁଖ୍ୟ ଡକ୍ଟର ପି. ସି. ଦାସ ସଫଳତାର ସହ ପରିଚାଳନା କରିଥିଲେ। ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ, ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା ଏବଂ ସୂଚନା ସହାୟକ ବିକାଶ ରଞ୍ଜନ ଦଳାଇ ମଧ୍ୟ ଉପସ୍ଥିତ ଥିଲେ। ପରିଶେଷରେ ଗଣମାଧ୍ୟମ ପ୍ରତିନିଧିମାନେ ସିଫାର ପ୍ରୟାସକୁ ପ୍ରଶଂସା କରିଥିଲେ।



# କୋଟକ ଫ୍ଲେକ୍ସିକ୍ୟାପ୍ ଫଣ୍ଡ୍ ୧୫ ବର୍ଷ ପୂରଣ କଲା

**ଭୁବନେଶ୍ୱର,୭।୨ (ମହାଭାରତ):** କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ ("କେଏମ୍ଏଏମ୍‌ସି")/ "କୋଟକ ମ୍ୟୁଚୁଆଲ ଫଣ୍ଡ୍") କୋଟକ ଫ୍ଲେକ୍ସିକ୍ୟାପ୍ ଫଣ୍ଡ୍‌ର ଉଲ୍ଲେଖନୀୟ ୧୫ବର୍ଷ ସମ୍ପର୍କରେ ଘୋଷଣା କରିଛି। ଏହି ସ୍କିମ୍ ଏହାର ଆରମ୍ଭ ଦିନଠାରୁ ୧୬.୫୯% ପ୍ରଦାନ କରିଛି ଏବଂ ବହୁଧା ବଜାର ପରିବେଶରେ ଏକ ମଜଭୁତ ଦୀର୍ଘସୂତ୍ରୀ ପ୍ରଦର୍ଶନ ରେକର୍ଡ ନିର୍ମାଣ କରିଛି। ନିଲେଶ ଶାହ, ମ୍ୟାନେଜିଂ ଡାଇରେକ୍ଟର, କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ କହିଥିଲେ, "କୋଟକ ଫ୍ଲେକ୍ସିକ୍ୟାପ୍ ଫଣ୍ଡ୍ ୧୫ବର୍ଷ ପୂରଣ କରିବା ଆମମାନଙ୍କ ପାଇଁ ଏବଂ ଏହି ଫଣ୍ଡ୍ ପ୍ରତି ପ୍ରତିବଦ୍ଧ ରହିଥିବା ପୁଞ୍ଜିନିବେଶକମାନଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ହୋଇଛି। ଫ୍ଲେକ୍ସିକ୍ୟାପ୍ ଏକ ବିଭାଗ ଭାବରେ ନିରନ୍ତର ଗୁରୁତ୍ୱପୂର୍ଣ୍ଣ ହୋଇ ରହିଆସିଛି, କାରଣ ଏହା ପୁଞ୍ଜିନିବେଶକଙ୍କୁ ସମସ୍ତ ବିଭାଗରେ ଭାରତର ଅଭିବୃଦ୍ଧି କ୍ଷେତ୍ରରେ ଅଂଶଗ୍ରହଣ କରିବାକୁ ସୁଯୋଗ ପ୍ରଦାନ କରୁଥିବାବେଳେ ବଜାର ପୁଞ୍ଜିକରଣ ଆବଣ୍ଟନ ନିଷ୍ପତ୍ତିଗୁଡିକ ଏକ ଅଭିଜ୍ଞ ପୁଞ୍ଜିନିବେଶକାରୀ ଟିମ୍ ଉପରେ ଛାଡିଦେଉଛି।" ୨୦୨୫ ଡିସେମ୍ବର ୩୧ ତାରିଖ ସୁଦ୍ଧା କୋଟକ ଫ୍ଲେକ୍ସିକ୍ୟାପ୍ ଫଣ୍ଡ୍ ଡାଇରେକ୍ଟ ପ୍ଲାନ୍- ଗ୍ରୋଥ ଅପ୍‌ସନ ୧୦ବର୍ଷ ମଧ୍ୟରେ ୧୫.୭୦% ସିଏଜିଆର୍ ଏବଂ ୫ ବର୍ଷରେ ୧୬.୮୭% ସିଏଜିଆର୍ ସୃଷ୍ଟି କରିଛି। ଏହି ଫଣ୍ଡ୍ ହର୍ଷ ଉପାଧ୍ୟାୟ, ସିଆଇଓ, କୋଟକ ମହିନ୍ଦ୍ରା ଏଏମ୍‌ସିଙ୍କ ଦ୍ୱାରା ପରିଚାଳିତ ହେଉଛି, ଯାହାଙ୍କର ବିଚାରଧାରା ଦୀର୍ଘସ୍ଥାୟୀ ଉପାର୍ଜନ, ମଜଭୁତ ପରିଚାଳନା ଏବଂ ପୁଞ୍ଜିଗତ ପାରଦର୍ଶିତା ଉପରେ ଆଧାରିତ ହୋଇଛି।

# ଚାଷୀଙ୍କୁ ଶୋଷଣ

କୃଷିଜାତ ସାମଗ୍ରୀର ପରିବହନ, ବ୍ୟବସାୟ ଉପରେ ଅନେକ ନିର୍ଭର କରି ଚଳୁଛନ୍ତି। ପଞ୍ଜାବ, ହରିୟାନା,ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜରାଟ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଭଳି ରାଜ୍ୟ ଆଜି କେବଳ ଏହି କାରଣରୁ ସମୃଦ୍ଧି ହାସଲ କରିଛନ୍ତି। ସେମାନଙ୍କ ରାଜସ୍ୱ ବୃଦ୍ଧିର ଏହା ଏକ ପ୍ରମୁଖ କାରଣ। ଗୁଜରାଟ ଓ ମହାରାଷ୍ଟ୍ରରେ କପା, ଆଖୁ ଭଳି ଭଳି ଅର୍ଥକାରୀ ଫସଲ ଅନେକଙ୍କୁ ରୋଜଗାର ଦେଇଛି। ଆସାମରେ ଚା' ଶିଳ୍ପରେ ଅନେକ ନିଯୁକ୍ତି ସୁଯୋଗ ପାଇଛନ୍ତି। ଆଳୁ ଉତ୍ପାଦନରେ ପଶ୍ଚିମବଙ୍ଗ, ପିଆଜ ଉତ୍ପାଦନରେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ, ସେଓ ଉତ୍ପାଦନରେ ହିମାଚଳ ପ୍ରଦେଶ ଏବଂ ଜାମ୍ମୁ-କାଶ୍ମୀର ଅଗ୍ରଣୀ। ସେମାନଙ୍କ ରାଜ୍ୟର କୃଷକମାନେ ଏଥିଲାଗି ଅପେକ୍ଷାକୃତ ସ୍ୱଚ୍ଛଳ। ଓଡ଼ିଶାରେ ମଧ୍ୟ ବିଗତ ୫୦ ବର୍ଷ ଭିତରେ କୃଷି ଓ କୃଷକଙ୍କ କଲ୍ୟାଣ ସାଧନ ହୋଇଛି। ଓଡ଼ିଶା ଆଜି ଚାଉଳ ଉତ୍ପାଦନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ। ରାଜ୍ୟର ଚାଷୀଙ୍କ ଆର୍ଥିକ ସ୍ଥିତି ଧିରେ ଧିରେ ଉନ୍ନତ ହେଉଛି। କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ। କୃଷି ଓ କୃଷକ କଲ୍ୟାଣ ନିମନ୍ତେ ଆହୁରି ଅନେକ କାମ କରିବାକୁ ଅଛି। ଓଡ଼ିଶାର ଅର୍ଥନୀତି ମଧ୍ୟ ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା କୃଷକଙ୍କ ସ୍ୱାର୍ଥ ରକ୍ଷା ଲାଗି ସରକାର ବିଶେଷ ପ୍ରୟାସ କରୁନାହାଁନ୍ତି। କୃଷିଜାତ ସାମଗ୍ରୀର ଏମଏସପି ପ୍ରତିବର୍ଷ ବୃଦ୍ଧି ପାଉଛି। କିନ୍ତୁ କୃଷକଙ୍କ ପାଇଁ ବଜାର ବ୍ୟବସ୍ଥା ସୁଦୃଢ଼ ନୁହେଁ। ଫଳରେ ଅନେକ ଚାଷୀ ଅଭାବୀ ବିକ୍ରିର ଶୀକାର ହେଉଛନ୍ତି। ଅକ୍ଳାନ୍ତ ପରିଶ୍ରମ କରି ଚାଷୀ ଯେତିକି ରୋଜଗକାର କରିପାରୁନି, କୃଷିଜାତ ସାମଗ୍ରୀର ବ୍ୟବସାୟ କରି ଜଣେ ତାଠାରୁ ଅଧିକ ସ୍ୱଚ୍ଛଳ ଜୀବନ ଯାପନ କରିପାରୁଛି। ଏହାର ମୁଖ୍ୟ କାରଣ ହେଲା ଚାଷୀଙ୍କୁ ଶୋଷଣ। ପ୍ରତି କ୍ଷେତ୍ରରେ ଚାଷୀ ଶୋଷଣ ଏବଂ ଅନ୍ୟାୟର ଶିକାର ହେଉଛି। ଉଦାହରଣ ସ୍ୱରୂପ ସରକାର ଚାଷୀଙ୍କଠାରୁ ସର୍ବ ନିମ୍ନ ସହାୟକ ଭୂଲ୍ୟ(ଏମଏସପି)ରେ ଧାନ କିଣିବାକୁ ମଣ୍ଡି ଖୋଲିଛନ୍ତି। ଚାଷୀ ମଣ୍ଡିକୁ ଯାଇ ଧାନ ବିକିଲେ ଭଲ ମୂଲ୍ୟ ପାଇବ ବୋଲି ଧାନ ବସ୍ତା ନେଇ ମଣ୍ଡିକୁ ଯାଉଛି। ଏଥିପାଇଁ ଚାଷୀଙ୍କୁ ପୂର୍ବରୁ ପଞ୍ଜିକୃତ ହେବାକୁ ପଡ଼ିବ। ଧାନ ନେବା ପରେ ତାଙ୍କୁ ଟୋକନ ମିଳିବ। ଏହି ଟୋକନ ଦେଖାଇ ଧାନ ବିକ୍ରି କରିପାରିବେ। ଏକର ପିଛି ଜଣେ ଚାଷୀ କେତେ ଧାନ ବିକ୍ରୀ କରିପାରିବ ତାହା ମଧ୍ୟ ନିର୍ଦ୍ଧାରିତ ହୋଇଛି। ଧାନ ବିକ୍ରୀ କରିବା ପରେ ଡିବିଟି ମାଧ୍ୟମରେ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବ। ବ୍ୟବସ୍ଥା ଭଲ। କିନ୍ତୁ ଏହି ବ୍ୟବସ୍ଥା ଭିତରେ ଏତେ ଅବ୍ୟବସ୍ଥା ରହିଛି ଯେ ତାହା ଅନେକ ଚାଷୀଙ୍କୁ ମଣ୍ଡିକୁ ଧାନ ନେଇ ଯିବାରେ ନିରୁତ୍ସାହିତ କରୁଛି। ଏହାର ଫାଇଦା ଉଠାଇ ଅନେକ ବ୍ୟବସାୟୀ ଚାଷୀଙ୍କଠାରୁ ସ୍ୱଳ୍ପ ମୂଲ୍ୟରେ ଧାନ କିଣି ନିଜେ ମଣ୍ଡିକୁ ଯାଉଛନ୍ତି କିମ୍ବା ଏହାକୁ ଚାଉଳ କରି ଚଢ଼ା ଦରରେ ବିକ୍ରୀ କରୁଛନ୍ତି। ତେଣୁ ଚାଉଳ ଦର ବଢୁଛି। ଭାରତରେ ଅଧିକାଂଶ ଚାଷୀ ହେଉଛନ୍ତି ସରଳ ଏବଂ ଅଶିକ୍ଷିତ। ସେମାନେ ଏତେ ନିୟମ କାନୁନ ସହିତ ଅଭ୍ୟସ୍ତ ବା ପରିଚିତ ନୁହଁନ୍ତି। ତେଣୁ ମଣ୍ଡିରେ ଧାନ ବିକ୍ରୀ ବ୍ୟବସ୍ଥା ସରଳ ହେବା ଉଚିତ। ଅଭିଯୋଗ ହେଉଛି ଯେ, ମଣ୍ଡିରେ ଧାନ ବିକ୍ରୀ ବେଳେ ଏଫଏକ୍ୟୁ ନିୟମକୁ କଡ଼ାକଡ଼ି କରାଯାଉଛି। ଅଦିନିଆ ବର୍ଷାରେ ଫସଲ ହାନି ବା ଧାନର ମାନ ହ୍ରାସ ପାଇଲେ ଏହାର ବିକ୍ରୀ ସହଜ ହେଉନି। ଆଉ ପ୍ରତି କୁଇଣ୍ଟାଲ ଧାନରେ ୧୦/ ୧୨ କେଜି ଧାନ କାଟି ଦିଆଯାଉଛି। ଅର୍ଥାତ ଜଣେ ଚାଷୀ ୧୦ କୁଇଣ୍ଟାଲ ଧାନ ବିକିଲେ ତାକୁ ୯ କୁଇଣ୍ଟାଲ ଧାନର ମୂଲ୍ୟ ମିଳୁଛି। ମଣ୍ଡିରେ ଧାନର ଏହି କଟନି ଛଟନି ଏକପ୍ରକାର ଦୁର୍ନୀତିର ପରିଣତ ହୋଇଛି। କେବଳ ଚଳିତ ବର୍ଷ ନୁହେଁ, ପ୍ରତିବର୍ଷ ଏଭଳି କଟନି ଛଟନି ଚାଲୁଛି। ସବୁ ବେଳେ ବିଧାନସଭା ଭିତରେ ଓ ବାହାରେ ଏହା ଉପରେ ଆଲୋଚନା, ସମାଲୋଚନା, ତୁମ୍ବି ତୁଫାନ ହେଉଛି।

# ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମସ୍ୟା

।। ଡାକ୍ତର ସମ୍ରାଟ କର ।।

ଜଳବାୟୁ ପରିବର୍ତ୍ତନ ହେତୁ ପ୍ରବଳବର୍ଷା, ଭୂସ୍ଖଳନ, ଘୂର୍ଣ୍ଣିବଳୟ, ମରୁଡ଼ି ଇତ୍ୟାଦି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ଗତ କିଛି ଦଶନ୍ଧି ମଧ୍ୟରେ ବିଶ୍ୱସ୍ତରରେ ଜଳବାୟୁ ଦ୍ୱାରା ସୃଷ୍ଟି ହେଉଥିବା ବିପର୍ଯ୍ୟୟ ମାନବ ଜୀବନ ଓ ଏହାର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଉତ୍ତରପ୍ରଦେଶ, ତାମିଲନାଡୁ, ବିହାର, ଆସାମ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ଦେଖା ଦେଉଥିବା ବନ୍ୟା ସ୍ଥିତି ହେଉଛି ଜଳବାୟୁ ପରିବର୍ତ୍ତନର କାରଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲୁଏଚ୍ଓ ଅନୁସାରେ ୨୦୩୦ ଓ ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ କୁ ପୋଷଣ, ମ୍ୟାଲେରିଆ, ଡାଇରିଆ, ଲୁ ଆଦି ଯୋଗୁଁ ବର୍ଷକୁ ଅଢ଼େଇ ଲକ୍ଷ ଲୋକଙ୍କ ଅକାଳ ବିୟୋଗ ଘଟିବ। ବିଶେଷକରି ଯୁବପିଢ଼ି ଓ ବରିଷ୍ଠ ନାଗରିକ ଏଭଳି ଏକ ଦୁଷ୍ପରିଣାମ ସାମ୍ନା କରିବେ।

ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି, ବାୟୁ ମଣ୍ଡଳରେ ଉତ୍ତାପ ବୃଦ୍ଧି ଯୋଗୁଁ ଲୋକେ ନୂଆ ନୂଆ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଯାହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ତିଆରି ହୋଇନାହିଁ। ମୁଖ୍ୟତଃ ଏହାଦ୍ୱାରା ସଂକ୍ରାମକ ରୋଗ ବୃଦ୍ଧି ପାଉଛି। ଯଦି ତାପମାତ୍ରା ବୃଦ୍ଧି ନିୟନ୍ତ୍ରିତ ନ ହୁଏ, ତେବେ ଆଗାମୀ ଦିନରେ ଅର୍ଥାତ ୧୦-୨୦ ବର୍ଷ ମଧ୍ୟରେ ଭୟଙ୍କର ବିନାଶ ମଧ୍ୟ ଘଟିପାରେ। ସେହିପରି ଶରୀରର ଟିସୁ ଭାବେ କାମ କରିବ ନାହିଁ। ମୁଖ୍ୟତଃ ଶୀତରେ ଅତ୍ୟଧିକ ଗରମ ହେଉଥିବାରୁ ମଶା ସଂଖ୍ୟା ବୃଦ୍ଧି ପାଉଛି। ଫଳରେ ଲୋକେ ମ୍ୟାଲେରିଆ, ଡେଙ୍ଗୁ, ଜିକା ଭାଇରସ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। ବଡ଼ କଥା ହେଉଛି କ୍ୟାନସର ଆଶଙ୍କା ମଧ୍ୟ ବଢ଼ିବ। କ୍ୟାନସର ଭଳି ମାରାତ୍ମକ ରୋଗ ପାଇଁ ଜଳବାୟୁ ପରିବର୍ତ୍ତନର ମଧ୍ୟ ଅନ୍ୟତମ କାରଣ। ନାସନାଲ ଇନ୍ଷ୍ଟିଚ୍ୟୁଟ ଅଫ୍ ଏନଭରମେଣ୍ଟାଲ ହେଲଥ ସାଇନ୍ସରେ ଏ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି। ଅତ୍ୟଧିକ ଗରମ କାରଣରୁ ରସାୟନ କଣିକା ପବନରେ ରହିଥାଏ। ଯଦ୍ୱାରା ଶ୍ୱାସକ୍ରିୟା ସମୟରେ ଏହି କଣିକା ଶରୀରକୁ ଯାଇ ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ। ସେହିପରି ବାୟୁ ପ୍ରଦୂଷଣର ପ୍ରଭାବ ମଧ୍ୟ କ୍ୟାନସରର ଅନ୍ୟତମ କାରଣ। ଅତ୍ୟଧିକ ପ୍ରଦୂଷଣ ଯୋଗୁଁ ଓଜୋନ ସ୍ତରରେ ଛେଦ ସୃଷ୍ଟି ହୁଏ। ଫଳରେ ଅତିବାଇଗଣୀ ରଶ୍ମୀ ଚର୍ମକୁ କର୍କଟର କାରଣ ହୋଇଥାଏ। ସେହିପରି ଶ୍ୱାସରୋଗୀଙ୍କ ସଂଖ୍ୟା ବଢ଼ିବ। ଅନ୍ୟପଟେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇଲେ ବାୟୁ ପ୍ରଦୂଷଣ ବଢ଼ିବ। ଏହାଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା ଉପୁଜିବ। ତା ସହ ଫୁସ୍‌ଫୁସ୍ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦେଖାଦେବ। କେବଳ ଏତିକି ନୁହେଁ ଶ୍ୱାସ ରୋଗୀଙ୍କ ସଂଖ୍ୟା ବି ବୃଦ୍ଧି ପାଇବ। ଏଭଳି ହୃଦ୍‌ଘାତ, ଜଳ ଶୁଷ୍କତା ଓ ଚିଡ଼୍‌ଚିଡ଼ାପଣ ଆଦି ସମସ୍ୟା ଦେଖାଦେବ। ଅନ୍ୟପଟେ ତମାମ ସମସ୍ୟା ପିଲାଙ୍କ ମସ୍ତିଷ୍କ ବିକାଶ ଉପରେ ପ୍ରଭାବ ପକାଇବ।

ଅନେକ ହୁଏତ ଜାଣିନଥାନ୍ତି ଏ ନେଇ ଜଳଜାତ ରୋଗ ସୃଷ୍ଟି ହେବ। ପରିବେଶର ବାତାବରଣ ଅନୁସାରେ ମଣିଷ ନିଜକୁ ଖାପଖୁଆଇ ଚଳିଲେ ସୁଦ୍ଧା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶରୀର ଉପରେ ପଡୁଛି। ସେହିପରି ସ୍ୱାସ୍ଥ୍ୟ ଲାଗି ଜରୁରୀ ସ୍ୱଚ୍ଛ ତଥା ବିଶୁଦ୍ଧ ଜଳ। ସମୁଦ୍ର ସ୍ତର ବୃଦ୍ଧି ହେଲେ ବିଶୁଦ୍ଧ ଜଳ ସଙ୍କଟ ଦେଖାଦେବ। ଯଦ୍ୱାରା ଦୂଷିତ ଜଳରୁ ଉତ୍ପନ୍ନ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେବ। ଏମିତି ବି ହୋଇପାରେ ଏହିସବୁ ରୋଗ ମହାମାରୀର ରୂପ ନେଇପାରନ୍ତି। ବଡ଼ କଥା ହେଉଛି ମାନସିକ ରୋଗ ବଢ଼ିବାର ମଧ୍ୟ ସମ୍ଭାବନା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଖା ଦେଉଥିବା ରୋଗ ମଧ୍ୟରେ ସବୁଠାରୁ ଆଗରେ ଅଛି ମାନସିକ ରୋଗ। ଏହା ସହ ପିଲାମାନେ ମଧ୍ୟ ଜଳବାୟୁ ପରିବର୍ତ୍ତନର ଶିକାର ହେଉଛନ୍ତି। ମନୋବିଜ୍ଞାନୀଙ୍କ ଅନୁସାରେ, ଛୋଟ ପିଲାଙ୍କ ଠାରେ ଚିନ୍ତା, ଅବସାଦ, ଦୁଃଖ ଆଦି ସମସ୍ୟା ଦେଖିବାକୁ ମିଳୁଛି। ସେହିପରି ପିଲାଙ୍କ ଠାରେ ଦେଖା ଦେଉଥିବା ଏଭଳି ସମସ୍ୟାକୁ ମନୋବିଜ୍ଞାନୀ ଇକୋ ଆନଜାଇଟିଂ ବୋଲି କହିଥାନ୍ତି। ଏବେ ପୃଥିବୀ ବସବାସ କରିବା ଯୋଗୁଁ ନୁହେଁ ବୋଲି ସେମାନେ ଭାବୁଛନ୍ତି। ଆଉ ଏ କଥା ସେମାନଙ୍କ ମନରେ ବସା ବାନ୍ଧି ଗଲାଣି। ଯେତେବେଳେ ସେମାନେ ବଡ଼ ହେବେ, ସେତେବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀ ଧ୍ୱଂସ ହୋଇଯିବ। ଅନ୍ୟପଟେ ପିଲାଙ୍କ ବ୍ୟବହାରରେ ଆସୁଥିବା ପରିବର୍ତ୍ତନ ପାଇଁ ଅନେକାଂଶରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହିଛି। ତେବେ ଦୁଃଖର ବିଷୟ ହେଉଛି କେବଳ ବଡ଼ ଲୋକ ନୁହଁନ୍ତି ବରଂ ଛୋଟ ଛୋଟ ପିଲାମାନେ ମଧ୍ୟ ମାନସିକ ରୋଗର ଶିକାର ହେଉଛନ୍ତି। ହଠାତ୍ କୌଣସି ବିଷୟକୁ ନେଇ ରାଗିଯିବା, ଚିଡ଼ି ଯିବା, ହତାଶ ହେବା, ଦୁଃଖ କରିବା ଆଦି ଲକ୍ଷଣ ସେମାନଙ୍କ ଠାରେ ଦେଖାଦେଉଛି। ଯାହାକି ମାନସିକ ରୋଗକୁ ହିଁ ଇଙ୍ଗିତ କରୁଛି। ପୁଣି ପ୍ରଦୂଷିତ ସହରରେ ପିଲାଙ୍କ ଠାରେ ଅବସାଦ ଓ ମାନସିକ ରୋଗ ବୃଦ୍ଧି ପାଉଛି।

ଏଣିକି ଲୋକେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପ୍ରୀଡ଼ିତ ହେବେ। ଅର୍ଥାତ୍ ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ପ୍ରକୃତି ଉପରେ ନୁହେଁ ବରଂ ଏହାର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଡୁଛି। ସମ୍ପ୍ରତି ଏହା ଏକ ନୂଆ ରୋଗ ଭାବେ ଉଭା ହୋଇଛି। ଏପରିକି ପାଖାପାଖି ଏହାଦ୍ୱାରା ସବୁ ଦେଶ ମଧ୍ୟ ପ୍ରଭାବିତ ହେଲେଣି। ଏହି କ୍ରମରେ ନିକଟରେ କାନାଡ଼ାରେଜଣେ ୭୦ ବର୍ଷୀୟା ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ ହୋଇଛନ୍ତି। ତା ସହ ଏହା ହେଉଛି ବିଶ୍ୱର ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଥମ ମାମଲା। କାନାଡାର ବ୍ରିଟିଶ କଲମ୍ବିଆର ଜଣେ ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ। ଅବଶ୍ୟ ମହିଳାଙ୍କ ନାଁ ଏବେ ସାମ୍ନାକୁ ଆସିନାହିଁ। ସମ୍ପୃକ୍ତ ମହିଳାଙ୍କର ଶ୍ୱାସକ୍ରିୟା ସମ୍ବନ୍ଧୀୟ ସମସ୍ୟା ଥିବା ନେଇ କାନାଡ଼ାର କୁଟନି ଲେକ ହସ୍ପିଟାଲର ଡାକ୍ତର କାଇଲ ମେରିଟ୍‌ଙ୍କ ପାଖକୁ ଚିକିତ୍ସିତ ହେବାକୁ ଆସିଥିଲେ। କାଇଲ ତାଙ୍କର ଚିକିତ୍ସା କରିବା ପରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥିବା କହିଥିଲେ। ସାଧାରଣତଃ କାନାଡାକୁ ସବୁଠୁ ଥଣ୍ଡା ଦେଶ ବୋଲି କୁହାଯାଏ। ଏଠାରେ ତୁଷାରପାତ ହେବା ସହ ତାପମାତ୍ରା ମାଇନସ ଡିଗ୍ରୀକୁ ଚାଲିଯାଏ। ମାତ୍ର ଏଥର ଜୁନ-ଜୁଲାଇରେ ଦେଖା ଦେଇଥିବା ହିଟ୍ ୱେଭ ଯୋଗୁଁ କାନାଡା ସ୍ଥିତି ଗୁରୁତର ଭାବେ ପ୍ରଭାବିତ ହୋଇଛି। ହିଟ୍ ୱେଭ ଯୋଗୁଁ କାନାଡାର ତାପମାତ୍ରା ଥିଲା ୪୯.୬ ଡିଗ୍ରୀ ସେଲସିୟସ। ଯାହାକି କାନାଡ଼ା ଇତିହାସରେ ସର୍ବାଧିକ ତାପମାତ୍ରା। ହିଟୱେଭ ଯୋଗୁଁ ଜଙ୍ଗଲରେ ନିଆଁ ଲାଗିବା ଓ ଧୂଆଁ ଯୋଗୁଁ ପବନର ଗୁଣବତ୍ତା ମଧ୍ୟ ଖରାପ ହେଲା। ଯେଉଁଥି ପାଇଁ ମହିଳାଙ୍କ ଠାରେ ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଓ ସେ ଏବେ ସୁଦ୍ଧା ଏଥିରୁ କାନାଡାରେ ୫୦୦ ଜଣ ପ୍ରାଣ ହରାଇଛନ୍ତି। ଯଦିଓ ମହିଳା ଜଣକ ହାଇଡ୍ରେଟ ରହିବା ପାଇଁ ଚେଷ୍ଟା କରୁଛନ୍ତି, ତଥାପି ଲୁ' ତାଙ୍କ ଶରୀରକୁ ଅତ୍ୟଧିକ ମାତ୍ରାରେ ପ୍ରଭାବିତ କରିଛି। ସେହିପରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଇବ ତାହା ମଧ୍ୟ ଏଥିରୁ ବିଶେଷଜ୍ଞମାନେ ସ୍ପଷ୍ଟ ଭାବେ ବୁଝିପାରୁଥିବା ସେ କହିଛନ୍ତି। ଆଗାମୀ ଦିନରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଲୋକମାନେ ଘରଛାଡ଼ି ପଳାୟନ କରିବାକୁ ବାଧ ହେବେ। ବିଶେଷଜ୍ଞଙ୍କ ଅନୁସାରେ ୨୦୫୦ ସୁଦ୍ଧା ପ୍ରାୟ ୨୦ କୋଟି ଲୋକ ଏହା ଯୋଗୁଁ ନିଜ ଭିଟାମାଟି ଛାଡ଼ିବେ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ, ଦୂରଭାଷ : ୯୧୩୨୪୩୩୩୩୩

"ଅନେକ ହୁଏତ ଜାଣିନଥାନ୍ତି ଏ ନେଇ ଜଳଜାତ ରୋଗ ସୃଷ୍ଟି ହେବ। ପରିବେଶର ବାତାବରଣ ଅନୁସାରେ ମଣିଷ ନିଜକୁ ଖାପଖୁଆଇ ଚଳିଲେ ସୁଦ୍ଧା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶରୀର ଉପରେ ପଡୁଛି। ସେହିପରି ସ୍ୱାସ୍ଥ୍ୟ ଲାଗି ଜରୁରୀ ସ୍ୱଚ୍ଛ ତଥା ବିଶୁଦ୍ଧ ଜଳ। ସମୁଦ୍ର ସ୍ତର ବୃଦ୍ଧି ହେଲେ ବିଶୁଦ୍ଧ ଜଳ ସଙ୍କଟ ଦେଖାଦେବ। ଯଦ୍ୱାରା ଦୂଷିତ ଜଳରୁ ଉତ୍ପନ୍ନ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେବ। ଏମିତି ବି ହୋଇପାରେ ଏହିସବୁ ରୋଗ ମହାମାରୀର ରୂପ ନେଇପାରନ୍ତି। ବଡ଼ କଥା ହେଉଛି ମାନସିକ ରୋଗ ବଢ଼ିବାର ମଧ୍ୟ ସମ୍ଭାବନା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଖା ଦେଉଥିବା ରୋଗ ମଧ୍ୟରେ ସବୁଠାରୁ ଆଗରେ ଅଛି ମାନସିକ ରୋଗ।

# ସତ୍ୟାନୁସରଣରେ ଜୀବନ

।। ଉମେଶ ଚନ୍ଦ୍ର ପାତ୍ର ।।

ପରମପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଦିବ୍ୟଜୀବନ କେବଳ ରକ୍ତମାଂସ ଗଠିତ ଶରୀର ଭିତରେ ସୀମିତ ନୁହେଁ । ଯାହାଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନ ମୁକ୍ତି ଅନ୍ୱେଷୀମାନଙ୍କୁ ଉଦ୍‌ବୁଦ୍ଧ କରିବା ସହ ଦିବ୍ୟ ଜୀବନ ଅଧିକାରୀ ହେବା ପାଇଁ ପ୍ରେରଣା ଯୋଗାଇ ଅନୁପ୍ରାଣିତ କରୁଛି । ଯେପରି ସୀମାହୀନ ମହାସିନ୍ଧୁର ନୀଳ ଜଳରାଶି, ଫେନିଳ ତରଙ୍ଗାଳା ଅବଲୋକନ କରି ଭାବବିହ୍ୱଳ ହେବା ଛଡ଼ା କାହାର ସାଧ ନାହିଁ ଜଳରାଶିର ଗଭୀରତା ଓ ବିସ୍ତୀର୍ଣ୍ଣତାର ପରିସୀମାକୁ ମାପିବାକୁ । କେବଳ ମାତ୍ର ଭାବନାହୀନ ତନ୍ମୟତାରେ ସାଗରର କୂଳ ଦେଶର ମୃତ ବାଲୁକା ଶଯ୍ୟାରେ ପଦାଚାରଣା କରିବା ଛଡ଼ା ଆଉ କିଛି ସମ୍ଭବ ନୁହେଁ । ପୂର୍ଣ୍ଣବ୍ରହ୍ମ ଶ୍ରୀ ଶ୍ରୀ ପୁରୁଷୋତ୍ତମଙ୍କ ଦିବ୍ୟଲୀଳା ମାଧୁରୀକୁ ଅବତରଣ କରି ଏହା କୁହାଯାଇପାରେ ସାଗରର ମଧ୍ୟ ଶେଷ ଅଛି ସୀମା ମଧ୍ୟ ଅଛି । ତେଣୁ ସାଗର ଅନନ୍ତ ନୁହେଁ କି ଅସୀମ ନୁହେଁ । ଜଣେ ହିଁ ଅନନ୍ତ ଓ ଅସୀମ, ସେ ହେଉଛନ୍ତି ପୁରୁଷୋତ୍ତମ । ଆଶ୍ରିତଜନଙ୍କୁ କୃପା କରି ସସୀମ ରୂପରେ ଲୀଳା ପ୍ରକଟ କରିଛନ୍ତି । ଅବିଭକ୍ତ ବଂଗଭୂମିର ପାବନା ଜିଲ୍ଲାର ଗୋୟାଁଖାନା ନିବାସୀ ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଓ ମାତା ମନମୋହିନୀଙ୍କର କୋଳମଣ୍ଡନ କରିଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର । ସେ ମାହେନ୍ଦ୍ର ମୁହୂର୍ତ୍ତ ଥିଲା ୧୨୯୫ ବଙ୍ଗଳା ସାଲର ଭାଦ୍ରବ ମାସର ୩୦ ଦିନ ଶୁକ୍ଲପକ୍ଷ, ଇଂରାଜୀ ବର୍ଷ ଅନୁଯାୟୀ ୧୮୮୮ ମସିହା। ଜନ୍ମ ହେବାର ନବମ ମାସରେ ଅନ୍ନପ୍ରାଶନ୍ନ ଉତ୍ସବରେ ମାତା ମନମୋହିନୀ ଦେବୀ କବିତାଟିଏ ଲେଖିଥିଲେ ଯାହାର ପ୍ରଥମ ଅକ୍ଷରଗୁଡ଼ିକ ସମ୍ମିଳନରେ ଥିଲା 'ଅନୁକୂଳ'

ସତ୍ୟାନୁସରଣର ରଚୟିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଜୀବନବାଦର ପୁରୋଧା ଥିଲେ । ମଣିଷର ଜୀବନ ତାଙ୍କ ପାଖରେ ସର୍ବୋପରି ମୂଲ୍ୟବାନ ବସ୍ତୁ ହିସାବରେ ପରିଗଣିତ ହୋଇଆସୁଥିଲା । ସତ୍ୟାନୁସରଣ ହେଉଛି ଜୀବନର ଆସ୍ଥା । ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରେ ଜୀବନ ଅତ୍ୟନ୍ତ ମୂଲ୍ୟବାନ । ଜୀବନର ସ୍ୱରୂପ, ଗଭୀରତା ଏବଂ ଜ୍ୟୋତିର ପ୍ରକାଶ ଏକପ୍ରକାର ବିସ୍ମୟକର ଅଭିବ୍ୟକ୍ତ । ପ୍ରତ୍ୟେକ ବ୍ୟକ୍ତି ବିଶେଷ ପାଇଁ ଜୀବନର ରୂପ ଓ ପ୍ରକାଶ ଭିନ୍ନ ପ୍ରକାର । ସେହି ଦୃଷ୍ଟିରୁ ବ୍ୟକ୍ତିର ବ୍ୟକ୍ତିଗତ ଅନୁଭୂତି ଏବଂ ନିଜସ୍ୱ ଦୃଷ୍ଟିଭଙ୍ଗିର ଏକ ଅନନ୍ୟ ମୂଲ୍ୟ ରହିଛି । ବ୍ୟକ୍ତି ଜୀବନର ଏହି ଘନୀଭୂତ ଓ କେନ୍ଦ୍ରାୟୀତ ପୃଷ୍ଠଭୂମିରେ ସତ୍ୟାନୁସରଣ ହେଉଛି ଏକ ଅଭ୍ରାନ୍ତ ମାର୍ଗଦର୍ଶକ ଏବଂ ନିୟାମକ । ସତ୍ୟାନୁସରଣ ଭିତରେ ଜୀବନର ଦର୍ଶନ ଓ ଆଧ୍ୟାତ୍ମବିଦ୍ୟା ନିଶ୍ଚୟ ରହିଛି । କିନ୍ତୁ ସତ୍ୟାନୁସରଣର ମହତ୍ୱ ହେଉଛି ଜୀବନ ଦର୍ଶନକୁ ସୂତ୍ରାକାରରେ ପାଳନ କରିବାର ଏକ ପନ୍ଥା । ମଣିଷ କିଭଳି ନିଜର ଦୈନନ୍ଦିନ ଜୀବନରେ କର୍ମ ସମ୍ପାଦନା କରିବା ସହିତ ସାର୍ଥକତାର ପଥ ଅବଲମ୍ବନ କରିପାରିବ; ସତ୍ୟାନୁସରଣ ହେଉଛି ସେଥିପାଇଁ ଏକ ନିତି ନିୟମ ସମ୍ବଳିତ ଏକ ନିର୍ଦ୍ଦେଶନାମା । ଧର୍ମର ସଂଜ୍ଞା ବର୍ଣ୍ଣନା କରି ଶ୍ରୀ ଶ୍ରୀ ଠାକୁର କହିଥିଲେ - 'ଯେନାତ୍ମନଂ ତଥାନ୍ୟେଷାଂ ଜୀବନବର୍ଦ୍ଧନାଞ୍ଚପି ଧ୍ରିୟତେ ସ ଧର୍ମଃ' ଅର୍ଥାତ୍ ଯାହାଦ୍ୱାରା ନିଜର ଓ ଅନ୍ୟର ଜୀବନ ଓ ବୃଦ୍ଧି ବିକଶିତ ହୁଏ, ତାକୁ ହିଁ ଧର୍ମ କୁହାଯାଏ । ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଏକ ପରିମାର୍ଜିତ ରୂପରେ ମୁଗ୍ଧ ହୋଇ ମନୁଷ୍ୟର ଚରିତ୍ରବତ୍ତା, ଈଶ୍ୱରାଭିମୁଖୀ ଚେତନା, ପିତୃମାତୃ କେନ୍ଦ୍ରିକତା, ଅନୁଚିନ୍ତନର ପ୍ରୟାସରେ ଆରମ୍ଭ କରିଥିଲେ 'ସତ୍‌ସଙ୍ଗ ତପୋବନ ବିଦ୍ୟାଳୟ' । 'ସତ୍‌ସଙ୍ଗ' ପ୍ରତିଷ୍ଠାନର ଆଭିମୁଖ୍ୟ ଓ କାର୍ଯ୍ୟ ପରିସର ବ୍ୟାପକ ହେବା ପରେ ଶ୍ରୀ ଶ୍ରୀ ଠାକୁର ତାଙ୍କର ଆଶ୍ରିତ ଓ ସେବକମାନଙ୍କୁ ଯାଜକ, ଅଧ୍ୱର୍ଯ୍ୟ, ସହପ୍ରତିରତ୍ୱିକ ନାମରେ ନାମିତ କରି ଦୀକ୍ଷାଦାନ ପାଇଁ ପ୍ରେରିତ କରିଥିଲେ ।

ଶ୍ରୀ ଶ୍ରୀ ଠାକୁରଙ୍କ ଦୃଷ୍ଟିଭଙ୍ଗିରେ ଜୀବନର ଦୁଇଟି ଅପରିହାର୍ଯ୍ୟ ଦିଗ ରହିଛି । ପ୍ରଥମ ହେଉଛି - ବଞ୍ଚିବା ଓ ଦ୍ୱିତୀୟ ହେଉଛି ବୃଦ୍ଧି, ଆନନ୍ଦ କିମ୍ବା ବିସ୍ତାରିତ ଅନୁଭୂତି । ଏହି ଦୁଇଟି ଦିଗକୁ ପରିପୂରଣ କରିବାର ଉପାୟ ସତ୍ୟାନୁସରଣର ପ୍ରତ୍ୟେକ ପରିଚ୍ଛଦରେ ଦିଆଯାଇଛି । ଉଦାହରଣ ସ୍ୱରୂପ - 'ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅ ନାହିଁ । ସାବଧାନ ହୁଅ - ଠକିଯିବ, ତୁମ ଭିତରେ ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ' । ମନୁଷ୍ୟ ଭିତରେ ଦେବତ୍ୱକୁ ଜାଗ୍ରତ କରିବା, ଆତ୍ମା ସହିତ ପରମାତ୍ମାର ମିଳନ କରାଇବା, ମନୁଷ୍ୟକୁ ତା'ର ଲକ୍ଷ୍ୟ ସମ୍ବନ୍ଧରେ ସଚେତନ କରାଇବା ପାଇଁ ଶ୍ରୀ ଶ୍ରୀ ଠାକୁରଙ୍କ ଏହି ବାଣୀ ଏକ ଅମୋଘ ଅସ୍ତ୍ର । ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଭଗବାନ କୃଷ୍ଣ ଅର୍ଜ୍ଜୁନଙ୍କୁ ଆହ୍ୱାନ ଦେଲାଭଳି ଶ୍ରୀ ଶ୍ରୀ ଠାକୁର ସତ୍ୟାନୁସରଣ ପ୍ରଥମ ପରିଚ୍ଛଦରେ କହିଛନ୍ତି 'ସର୍ବ ପ୍ରଥମ ଆମ୍ଭମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । ସାହସୀ ହେବାକୁ ହେବ, ବୀର ହେବାକୁ ହେବ । ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା । ତଡ଼, ଯେତେ ଶୀଘ୍ର ପାର, ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଠବଙ୍କକ୍ଷ୍ମସବ୍ବରକୁ । ସ୍ମରଣ କର ତୁମେ ସାହସୀ, ସ୍ମରଣକର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାର ସନ୍ତାନ । ଆଗେ ସାହସୀ ହୁଅ, ଅକପଟ ହୁଅ, ତେବେ ଜଣାଯିବ, ତୁମର ଧର୍ମରାଜ୍ୟରେ ପଶିବାର ଅଧିକାର ଜନ୍ମିଛି । ଭାରତବାସୀଙ୍କୁ ଶ୍ରୀ ଶ୍ରୀ ଠାକୁରଙ୍କର ବୈପ୍ଳବିକ ଆହ୍ୱାନ ହେଉଛି - 'ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇଉଠିଛନ୍ତି । ଋଷିଙ୍କୁ ବାଦ ଦେଇ ଋଷିବାଦର ଉପାସନା ଆରମ୍ଭ ହୋଇଛି । ଭାରତ, ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ ତେବେ ସଂପ୍ରଦାୟ ଗତ ବିରୋଧ ଭୁଲି ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା ସମ୍ପନ୍ନ ହୁଅ, ଆଉ ତୁମର ମୂର୍ତ୍ତି ବା ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି, କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କ ଆବିର୍ଭାବ । ଅନ୍ୟତ୍ର ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁର କହିଲେ - 'କର୍ମ କରିଯାଓ, ଅଦୃଷ୍ଟ ଭାବି ଭାଙ୍ଗି ପଡ଼ନାହିଁ, ଅଳସୁଆ ହୁଅନାହିଁ । ତୁମେ ଯେପରି କାର୍ଯ୍ୟ କରିବ, ତୁମର ଅଦୃଷ୍ଟ ସେହିପରି ହୋଇ ଦୃଷ୍ଟ ହେବ ।' ଜୀବନର ଗତି ପଥରେ, ବିପଦ ଓ ବାଧା ଆସି ଛିଡ଼ା ହୁଏ । ଶ୍ରୀ ଶ୍ରୀ ଠାକୁର ଜୀବନରେ ବିଜୟ ଓ ସାଫଲ୍ୟର ଜୟ ଜୟକାର କରି ସତ୍ୟାନୁସରଣର ପୃଷ୍ଠାରେ କହିଲେ, 'ବିପଦକୁ ଫାଙ୍କି ଦେଇ ଓ ପରାସ୍ତ କରି ସଫଳତା ଲକ୍ଷ୍ମୀ ଲାଭ କର; ବିପଦ ଯେପରି ତୁମକୁ ସଫଳତାରୁ ବଞ୍ଚିତ ନକରେ ।' ସତ୍ୟାନୁସରଣ ଅଧ୍ୟୟନ କଲାବେଳେ ମଣିଷର ଅନ୍ତର୍ରାଜ୍ୟରେ ଏକପ୍ରକାର ଆଲୋଡ଼ନ ସୃଷ୍ଟି ହୁଏ । ସତ୍ୟାନୁସରଣର ପ୍ରତ୍ୟେକ ବାକ୍ୟ କିମ୍ବା ପରିଚ୍ଛେଦରେ ଏକ ଚିରନ୍ତନ ସତ୍ୟ ଏବଂ ଏକ ଜୀବନୀୟ ନିର୍ଦ୍ଦେଶ ପ୍ରସ୍ଫୁଟିତ ହୋଇଅଛି । ଅଧିକାଂଶ, ଅଧ୍ୟାୟରେ ମନସ୍ତାତ୍ତ୍ୱିକ, ଆତ୍ମିକ, ବ୍ୟବହାରିକ ଏବଂ ଦାର୍ଶନିକ ତତ୍ତ୍ୱର ବାସ୍ତବ ପ୍ରୟୋଗର କୌଶଳ ଓ ଉପାୟ ଦର୍ଶାଯାଇଛି । ପରିଶେଷରେ ଏକଥା କହିବାକୁ ପଡ଼େ, ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁରଙ୍କ ଜୀବନ ଜାଗ୍ରତ ରହିଛି । ସତ୍ୟାନୁସରଣର ଉକ୍ତି ମାଧମରେ ସେ ଆମକୁ ନିରନ୍ତର ମାର୍ଗଦର୍ଶନ କରାଇଛନ୍ତି । ଜୀବନର ଜୟ ହେଉ - ଶ୍ରୀ ଶ୍ରୀ ଠାକୁରଙ୍କ ଜୟ ହେଉ -

ସହପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# 'ଇ-ଆବର୍ଜନାର ସଂକଟ'

।। ବିପିନ ବିହାରୀ ରାଉତ ।।

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି । ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ । ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ । ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା । ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୧୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ । ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ଼୍‌ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୧୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ । ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ । ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ । ବିଜ୍ଞାନର ଦ୍ରୁତ ବିକାଶ ଫଳରେ ମଣିଷ ହାତମୁଠାରେ ସବୁକିଛି ପାଇଯାଉଛି ଭାବନା ରଖି ଦିନକୁ ଦିନ ଜନସଂଖ୍ୟାର ବୃଦ୍ଧି, ଜଙ୍ଗଲ ସମ୍ପଦର କ୍ଷୟ, କୀଟନାଶକର ପ୍ରୟୋଗ ଓ ବ୍ୟାପକ ଯାନବାହାନ ଚଳାଚଳ ପାଇଁ ପରିବେଶକୁ ପ୍ରଦୂଷିତ କରିବା ସହ ଇ-ଆବର୍ଜନାର ସଙ୍କଟକୁ ବଢ଼ାଉଛି ମଧେ ତେଣୁ ଆଜି ଏହି ଦିବସରେ ଆମେ ସମସ୍ତେ ସଚେତନ ହେବାପାଇଁ ନିଜ ଦାୟିତ୍ୱକୁ ନିର୍ବାହ ପାଇଁ ପ୍ରତିଜ୍ଞାବଦ୍ଧ ହେବା ଅତ୍ୟନ୍ତ ଜରୁରୀ।

ଦୂରଭାଷ : ୯୪୩୭୬୬୬୪୫୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ମା' ଉଗ୍ରତାରା ପୀଠରେ ଟ୍ୱିନ୍ ସିଟି ପ୍ରେସ କ୍ଲବର ବନ୍ଧୁ ମିଳନ ଓ ସଫେଇ କାର୍ଯ୍ୟକ୍ରମ



ବାରଙ୍ଗ, (ମହାଭାରତ) : ଟ୍ୱିନ୍ ସିଟି ପ୍ରେସ କ୍ଲବ ତରଫରୁ ଖୋର୍ଦ୍ଧା ଜିଲ୍ଲାର ଭୂଷଣ୍ଡପୁରରେ ଥିବା ପ୍ରସିଦ୍ଧ ମା ଉଗ୍ରତାରା ଶକ୍ତି ପୀଠସ୍ଥଳୀ ପରିସରରେ ବନ୍ଧୁ ମିଳନ ସହିତ ମନ୍ଦିର ପରିସର ସଫେଇ କାର୍ଯ୍ୟକ୍ରମ ଗତ କାଲି ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଟ୍ୱିନ୍ ସିଟି ପ୍ରେସ କ୍ଲବର ସଭାପତି ସନାତନ ପରିଜାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ସଭାକୁ ଟ୍ୱିନ୍ ସିଟି ପ୍ରେସ କ୍ଲବ ସଦସ୍ୟ ଗଣେଶ ଚନ୍ଦ୍ର ବରାଳ ପରିଚାଳନା କରିଥିଲେ । ଧାର୍ମିକ ପୀଠସ୍ଥଳୀର ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାକୁ ଲକ୍ଷ୍ୟ କରି ପ୍ରେସ କ୍ଲବ୍‌ର ସମସ୍ତ ସଦସ୍ୟ ଓ ନିମନ୍ତ୍ରିତ ଫାଣ୍ଡି ଅଧିକାରୀ, ମନ୍ଦିର ପ୍ରଶାସନିକ ଅଧିକାରୀ ମନ୍ଦିର, ଅଂଚଳର କିଛି ସମାଜସେବୀ ମନ୍ଦିର ପରିସର ସଫେଇ କାର୍ଯ୍ୟରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ ରଞ୍ଜନ ନାୟକ, ମନ୍ଦିର ପ୍ରଶାସନ ଅଧିକାରୀ କୁମର ପାତ୍ର, ସହ ଅଧିକାରୀ ସୁବ୍ରତ ସାମନ୍ତରାୟ, ସମାଜସେବୀ ଜିତେନ୍ଦ୍ରିୟ ଶ୍ରୀଚନ୍ଦନ, ବିଶ୍ୱନାଥ ପାହାଡ଼ ସିଂ , ଶିବ ସାହୁ ଉପସ୍ଥିତ ରହି ପ୍ରେସ କ୍ଲବର ଏହି ପ୍ରଶଂସନୀୟ ସମାଜସେବାମୂଳକ ପଦକ୍ଷେପକୁ ସ୍ୱାଗତ କରିଥିଲେ । ମା'ଙ୍କ ପୀଠକୁ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ଓ ଭକ୍ତମାନେ ପ୍ରେସ୍ କ୍ଲବ ପକ୍ଷରୁ ଆୟୋଜିତ ଏହି ସଫେଇ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । ସ୍ୱଚ୍ଛତା ଓ ସେବାଭାବକୁ କେନ୍ଦ୍ର କରି ହୋଇଥିବା ଏହି ପଦକ୍ଷେପ ଭକ୍ତମାନଙ୍କ ମନରେ ଗଭୀର ସନ୍ତୋଷ ସୃଷ୍ଟି କରିଥିଲା । ସଫେଇ କାର୍ଯ୍ୟକ୍ରମ ଅବସରରେ ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ ରଞ୍ଜନ ନାୟକ ତାଙ୍କ ନିଜ ରଚିତ କବିତା ମାଧ୍ୟମରେ ନିଜ ବିବୃତି ରଖି ସ୍ୱଚ୍ଛତାର ଗୁରୁତ୍ୱ ଓ ସାମାଜିକ ଦାୟିତ୍ୱ ବିଷୟରେ ଉପସ୍ଥିତ ଥିବା ଲୋକଙ୍କୁ ସଚେତନ କରିଥିଲେ । ତାଙ୍କର କବିତାମୟ ବକ୍ତବ୍ୟ ଉପସ୍ଥିତ ଲୋକଙ୍କୁ ଗଭୀରଭାବେ ପ୍ରଭାବିତ କରିଥିଲା । ମନ୍ଦିର ପ୍ରଶାସନ ଅଧିକାରୀ ଧାର୍ମିକ ସ୍ଥଳୀର ସୁରକ୍ଷା ଓ ସ୍ୱଚ୍ଛତା ରକ୍ଷାରେ ସାଧାରଣ ଜନତାଙ୍କ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । ପ୍ରେସ କ୍ଲବର ସଭାପତି ସନାତନ ପରିଜା କହିଥିଲେ ଯେ ସ୍ୱଚ୍ଛତା କେବଳ ଏକ ଦିନର କାର୍ଯ୍ୟକ୍ରମ ନୁହେଁ ବରଂ ଏହା ସମାଜ ପ୍ରତି ପ୍ରତ୍ୟେକ ନାଗରିକଙ୍କ ନୈତିକ ଦାୟିତ୍ୱ । ମା'ଙ୍କ ପୀଠ ପରି ସାଧାରଣ ଆସ୍ଥାର କେନ୍ଦ୍ରଗୁଡ଼ିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ପ୍ରେସ କ୍ଲବର ସମ୍ପାଦକ ଡଃ ଭବାନୀ ଶଙ୍କର ପାତ୍ର ସାମ୍ବାଦିକମାନେ ଖବର ପ୍ରଚାର ସହିତ ସମାଜ ପ୍ରତି ଦାୟିତ୍ୱବୋଧ ନିଭାଇବା ଆବଶ୍ୟକ ବୋଲି କହିଥିଲେ । ଏହି ଅବସରରେ ଟ୍ୱିନ୍ ସିଟି ପ୍ରେସ କ୍ଲବର ଅଧ୍ୟକ୍ଷ ଡଃ ପ୍ରଣବ କୁମାର ବିଶ୍ୱାଳ କହିଥିଲେ ସାମ୍ବାଦିକତା କେବଳ ଖବର ପ୍ରସାରଣରେ ସୀମିତ ନୁହେଁ ସମାଜ ପ୍ରତି ଦାୟିତ୍ୱବୋଧ ନିଭାଇବା ମଧ୍ୟ ସାମ୍ବାଦିକଙ୍କ କର୍ତ୍ତବ୍ୟ ବୋଲି ତାଙ୍କ ବିବୃତିରେ କହିଥିଲେ । ସଫେଇ କାର୍ଯ୍ୟକ୍ରମକୁ ନେଇ ସାମ୍ବାଦିକା ଅନୁପମା ଦାଶ ପ୍ରେସ କ୍ଲବ ପକ୍ଷରୁ ଗ୍ରହଣ କରାଯାଇଥିବା ଏହି ସ୍ୱଚ୍ଛତାମୂଳକ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରି ତାଙ୍କ ମତ ପ୍ରକାଶ କରିଥିଲେ । ଧାର୍ମିକ ପୀଠସ୍ଥଳୀଗୁଡ଼ିକର ସ୍ୱଚ୍ଛତା ଓ ପବିତ୍ରତା ରକ୍ଷା ପାଇଁ ଏପରି ସମାଜସେବାମୂଳକ କାର୍ଯ୍ୟକ୍ରମ ଆଗାମୀ ଦିନରେ ନିୟମିତ ଭାବେ ଆୟୋଜନ କରାଯିବ ବୋଲି ପ୍ରେସ କ୍ଲବ ର ସମସ୍ତ ସଦସ୍ୟମାନେ ମା ଙ୍କ ପୀଠରେ ସଂକଳ୍ପ ନେବା ସହିତ ମା ଉଗ୍ରତାରାଙ୍କ କୃପାରେ ଏହି କାର୍ଯ୍ୟକ୍ରମ ସଫଳ ହୋଇପାରିଛି ମତ ଦେଇଥିଲେ । ପ୍ରେସ କ୍ଲବ ର ଏହି ବନ୍ଧୁ ମିଳନ ଓ ସଫେଇ କାର୍ଯ୍ୟ ଅବସରରେ ଟ୍ୱିନ୍ ସିଟି ପ୍ରେସ କ୍ଲବ ର ଉପ ସଭାପତି ଗୁରୁ ମହାପାତ୍ର, ସଦସ୍ୟ ସଞ୍ଜୟ ଜାନା, ଅନ୍ୟ ସଦସ୍ୟଙ୍କ ସହିତ ସାମ୍ବାଦିକ ଧୀରେନ୍ଦ୍ର ସାହୁ ସାମ୍ବାଦିକା ଅନୁପମା ଦାଶ ପ୍ରମୁଖ ଯୋଗଦେଇ ସୁଚାରୁ ରୂପେ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସଂପାଦନ କରିଥିଲେ । ଗତକାଲି ଶେଷରେ ଟ୍ୱିନ୍ ସିଟି ପ୍ରେସ କ୍ଲବ ସ୍ୱଚ୍ଛତା ହିଁ ସୁସ୍ଥ ସମାଜର ମୂଳ ଆଧାର ବୋଲି କହି ସମସ୍ତ ନାଗରିକଙ୍କୁ ସାମୂହିକ ଭାବେ ସ୍ୱଚ୍ଛ ପରିବେଶ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ । ଏପରି ସେବାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରେ ସଚେତନତା ସୃଷ୍ଟି ହେବା ସହ ସ୍ୱଚ୍ଛ ଓ ସୁନ୍ଦର ଓଡ଼ିଶା ଗଢ଼ିବାର ସନ୍ଦେଶ ଦେବା ଉଦ୍ଦେଶ୍ୟ ଥିଲା ।

## ପାରାଦୀପ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ପାରାଦୀପ, (ମହାଭାରତ) : ପାରାଦୀପ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ କଲେଜ ପରିସରରେ ଶନିବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଜୀବନରେ ସଫଳତା ପାଇବାକୁ ହେଲେ ସବୁ ସମସ୍ୟାକୁ ଅତିକ୍ରମ କରି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପରାମର୍ଶ ଓ ଆର୍ଶୀବାଦ ନେବା ଉଚିତ ବୋଲି ନିଜ ବକ୍ତବ୍ୟରେ ଉପଦେଶ ଦେଇଥିଲେ । ଏଥିରେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ. ସସ୍ମିତା ଶତପଥି ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ପ୍ରାଧିକରଣ ଅର୍ଥ ପରାମର୍ଶ ଦାତା ଅଶୋକ କୁମାର ସାହୁ ମୁଖ୍ୟ ବକ୍ତା ଏବଂ ଗୋଆ କାର୍ବନ କମ୍ପାନୀର ୟୁନିଟ ମୁଖ୍ୟ ବେନୁ ଗୋପାଲ ନାଇଡୁ ଆଲୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଜୀବନରେ ନିଷ୍ଠାପର ଭାବେ କାର୍ଯ୍ୟ କଲେ ସଫଳତା ମିଳିବ ବୋଲି ମତବ୍ୟକ୍ତ କରିଥିଲେ । ଇଂରାଜୀ ବିଭାଗ ମୁଖ୍ୟ ଅଧାପକ ଗଣେଶ୍ୱର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରସାୟନ ବିଭାଗ ପ୍ରାଧାପିକା ତଥା ବିଭାଗୀୟ ମୁଖ୍ୟ ଡ଼ଃ. ସ୍ମିତା ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଇତିହାସ ବିଭାଗ ମୁଖ୍ୟ ଅଧାପକ ଅକ୍ଷୟ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଏବଂ ମେଲୋଡି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ଜିଲ୍ଲାସ୍ତରୀୟ ଡାହାଣୀ ପ୍ରଥା ନିଷେଧ ସଚେତନତା କାର୍ଯ୍ୟକ୍ରମ



ଗଜପତି, (ମହାଭାରତ) : ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ଡାହାଣୀ ପ୍ରଥା ନିଷେଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ କ୍ତ ମୁନୀନ୍ଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଗୁଣିଗାରେଡ଼ି ଏବଂ ଡାହାଣୀ ପ୍ରଥାକୁ ସଚେତନତା କରି ଅନ୍ଧ ବିଶ୍ୱାସ ଦୁର କରିବାକୁ ଅବଗତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଗଣ ସଚେତନତା ବାର୍ତା ମାଧ୍ୟମରେ କହିଥିଲେ ଯେ ପ୍ରାଚୀନ ଯୁଗରେ ଗୁଣିଗାରେଡ଼ି, ଯାଦୁବିଦ୍ୟା, ତନ୍ତ୍ରସାଧନ, ଝଡ଼ାଫୁଙ୍କା ଆଦି ଅନ୍ଧବିଶ୍ୱାସ ଉପରେ ଲୋକମାନେ ଅଧିକ ବିଶ୍ୱାସ କରୁଥିଲେ । ଏବେ ବିଜ୍ଞାନର ଅଗ୍ରଗତି ପରେ ମଧ୍ୟ କେତେ ଲୋକଙ୍କ ମନରୁ ଏହି ଅନ୍ଧବିଶ୍ୱାସ ଦୂର ହୋଇପାରୁନାହିଁ । ଫଳରେ ଏହାକୁ ନେଇ ବିଭିନ୍ନ ପ୍ରକାର ଅପରାଧ ବୃଦ୍ଧି ପାଉଛି । ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ଯୋଗୁ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି, ଯାହା ଚିନ୍ତାର ବିଷୟ ହୋଇଛି । ପୂର୍ବରୁ ଉପାନ୍ତ ଅଂଚଳରେ ଏଭଳି ଘଟଣା ନଜରକୁ ଆସୁଥିଲା । ହେଲେ ଏବେ ଅନ୍ୟ ଜିଲ୍ଲାଗୁଡ଼ିକ ଅପେକ୍ଷା ଆମ ଜିଲ୍ଲାରେ ମଧ ଏଭଳି ଘଟଣା ଦେଖିବାକୁ ମିଳୁଛି । କେତେବେଳେ ତନ୍ତ୍ର ସାଧନ ପାଇଁ ନିରୀହ ଶିଶୁଙ୍କୁ ବଳି ଚଢ଼ାଯାଉଛି ତ ଆଉ କେତେବେଳେ ତନ୍ତ୍ର ସାଧନ କରୁଥିବା ବ୍ୟକ୍ତିଙ୍କୁ ଗୁଣିଆ କହି ହତ୍ୟା କରାଯାଉଛି । ଗୁଣିଗାରେଡ଼ି ଯୋଗୁ ଏଭଳି ହିଂସାକାଣ୍ଡ ଘଟୁଥିବାରୁ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି କରୁଛି । ବିଭିନ୍ନ ଅଂଚଳରେ ଲୋକଙ୍କ ପାଖରେ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଠିକ୍ ଭାବେ ପହଂଚି ପାରିନାହିଁ । ତେଣୁ ଲୋକମାନଙ୍କ ମଧ୍ୟରେ ପାରମ୍ପାରିକ ଅନ୍ଧବିଶ୍ୱାସ ଆଦି ରହିଛି । ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସହ ବିଜ୍ଞାନ ସମ୍ମତ ଦୃଷ୍ଟିଭଙ୍ଗୀର ପ୍ରସାର କରାଇପାରିଲେ ଏହି ଅନ୍ଧବିଶ୍ୱାସ ଦୁର ହୋଇ ପାରିବ । ସେହିପରି ଏହା ବିରୋଧରେ ରହିଥିବା ଆଇନକୁ ଠିକ ଭାବେ କାର୍ଯ୍ୟକାରୀ କରାଯିବା ଦରକାର । ତୃଣମୂଳସ୍ତର ଠାରୁ ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ । ସେହିପରି ଶିକ୍ଷାର ବିକାଶ ହେବା ସହିତ ସଚେତନତା ହେଲେ ଗୁଣିଗାରେଡ଼ି ଏବଂ ଡାହାଣୀ ପ୍ରତି ଲୋକଙ୍କ ଦୁର ହୋଇପାରିବ । ଗ୍ରାମା*ଳରେ ବିଶେଷ କରି ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ ଏହା ଏବେ ବି ଏକ ଭୟଙ୍କର ସମସ୍ୟା ହୋଇ ରହିଛି । ଗୁଣିଗାରେଡ଼ିକୁ ନେଇ କେବଳ ହତ୍ୟା ବା ଶାରୀରିକ ଆକ୍ରମଣ ହିଁ ହେଉନି । ବରଂ ଗୁଣିଆ ବା ଡାହାଣୀ ବୋଲି ସନ୍ଦେହରେ ସମ୍ପୃକ୍ତ ବ୍ୟକ୍ତିକୁ ସାମାଜିକ ବାସନ୍ଦ, ଜୋରିମାନା, ଗାଁରୁ ତଡ଼ିଦେବା, ମୁଣ୍ଡ ଲଣ୍ଡା କରିବା, ଦାନ୍ତ ଭାଙ୍ଗିବା , ପଶୁଙ୍କ ମଳକୁ ଜବରଦସ୍ତ ପୂରାଇବା ଆଦି ଅନେକ ଘଟଣା ବି ଘଟୁଛି, ଯାହାକି ଅନେକ ସମୟରେ ରିପୋର୍ଟ ଲୋକ ଲଚନକୁ ଆଶି ପାରୁନି । ଅନେକ କ୍ଷେତ୍ରରେ ଲୋକଙ୍କ ଅସଚେତନତା ର ଅଭାବ ରହିଛି । ଆମ ସମାଜରେ ବିଶେଷ କରି ଗ୍ରାମା*ଳର ଅଧିକାଂଶ ଲୋକ ଆଜି ବି ଅଶିକ୍ଷିତ ଅଛନ୍ତି ତେଣୁ ଶିକ୍ଷାର ଅଭାବରୁ ଗୁଣିଗାରେଡ଼ି, ଡାହାଣୀ ପ୍ରଥା ଆଦି ଅନ୍ଧ ବିଶ୍ୱାସରୁ ସେମାନେ ମୁକ୍ତ ହୋଇପାରି ନାହାନ୍ତି । ସେମାନଙ୍କ ମନରେ ଥିବା ଏହି ଅହେତୁକ ବିଶ୍ୱାସକୁ ଦୂର କରି ବୈଜ୍ଞାନିକ ମନୋଭାବ ଜାଗ୍ରତ କରିବା ଓ ବୈଜ୍ଞାନିକ ମନୋଭାବକୁ ବଢ଼େଇବା ପାଇଁ ବହୁ ମାତ୍ରାରେ ସଚେତନତା ଆବଶ୍ୟକ ରହିଅଛି । ଆମ ଜିଲ୍ଲାରେ ସମସ୍ତ ବ୍ଲକ,ଗ୍ରାମପଂ*ାୟତ ଓ ଗ୍ରାମ ଗୁଡିକରେ ସ୍ଥାନୀୟ ଜନପ୍ରତିନିଧି, ସିଡ଼ିପିଓ, ସୁପରଭାଇଜର, ଅଙ୍ଗନ୍ୱାଡ଼ି ଓ ଆଶା କର୍ମୀଙ୍କ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ । ଅନ୍ଧବିଶ୍ୱାସ ଠାରୁ ଦୂରେଇ ରୁହନ୍ତୁ, ସଚେତନ ହୁଅନ୍ତୁ, ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ କାହାରି କ୍ଷତି କରନ୍ତୁ ନାହିଁ,ଜାଣିଶୁଣି ଆଇନ୍ ?କୁ ହାତକୁ ନିଅନ୍ତୁ ନାହିଁ,କାହାରିକୁ ଅପମାନିତ କିମ୍ବା ଆକ୍ରମଣ କରନ୍ତୁ ନାହିଁ । ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ଅଶୋକ କୁମାର ପଟ୍ଟନାୟକ, ଅନ୍ୟ ଲାଇନ୍ ବିଭାଗୀୟ ଅଧିକାରୀ ସମେତ କାର୍ଯ୍ୟକ୍ରମକୁ ମହିଳା ସୁରକ୍ଷା ଅଧିକାରୀ ସାରଳା ପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଙ୍ଗନଓ୍ୱାଡ଼ି ଓ ଆଶା କର୍ମୀ, ଏଏନମ, ସିଡ଼ିପିଓ, ସୁପରଭାଯର, ଏନଜିଓ କର୍ମକର୍ତା,ସ୍ଥାନୀୟ ମହିଳା ଓ ଯୁବକ ଯୁବତୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପୂର୍ତ୍ତବିଭାଗ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ

ବଡ଼ଚଣା, (ମହାଭାରତ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ଦର୍ପଣ ଠାରୁ କୋଲାସିଂ ପୂର୍ତ୍ତବିଭାଗ କଂକ୍ରିଟ ରାସ୍ତା ନିର୍ମାଣ କରୁଥିବା ସଂପୃକ୍ତ ଠିକାଦାର ସରକାରୀ ନିୟମ ଫୁ କରି ନିଜର ମନମୁଖୀ ଅନୁଯାୟୀ ରାସ୍ତା କାର୍ଯ୍ୟ ସଂପୂର୍ଣ୍ଣ କରି ବିଲ୍ ପାସ୍ କରି ନେବାକୁ ପ୍ରୟାସ ।



ସ୍ପଷ୍ଟ ଦିବାଲୋକରେ ରାସ୍ତା କଡରୁ ଲାଗି ଥିବା ମାଟି କୁ ଉଠାଇ ପୁର୍ନବାର ମେସିନ ସାହାଯ୍ୟରେ ତାଡି ସେହି ରାସ୍ତା ଉପରେ ପକାଯାଉଛି, ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତ ରେ କାର୍ଯ୍ୟ ହେବା କଥା କିନ୍ତୁ ହେଉ ନାହିଁ ,ଠିକ୍ ଠାକ୍ ପାଉଣା ମିଳି ଯାଉଛି ବୋଧେ ଏଣୁ କାର୍ଯ୍ୟ ଚାଲିଛି ବିଭାଗୀୟ ଅଧିକାରୀଙ୍କ ଦେଖା ନାହିଁ, ଟିକେ ବର୍ଷା ହେଲେ ରାସ୍ତାରୁ ମାଟି ଧୋଇ ହୋଇଯିବା ଫଳରେ ରାସ୍ତା ରେ ସୃଷ୍ଟି ହେବ ବଡ଼ ଗାତ, ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ସରକାରୀ ଅନୁଦାନ ରାଶି ଖର୍ଚ୍ଚ ହେଉଥିବା ବେଳେ ଏହି ଭଳି ନିମ୍ନ ମାନର କାର୍ଯ୍ୟ ସହିତ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିବା ସାଧାରଣରେ ଜନଅସନ୍ତୋଷ ଦେଖାଦେଇଛି ।

## ସର୍ବଭାରତୀୟ କଳିଙ୍ଗ ପାଇକ ଫୁଟବଲ ଟୁର୍ଣ୍ଣାମେଂଟ ଆରମ୍ଭ



ଖୋର୍ଦ୍ଧା, (ମହାଭାରତ): ସ୍ଥାନୀୟ ଷ୍ଟାଡିୟମ୍ ପରିସରରେ ସର୍ବଭାରତୀୟ ରାତ୍ର କାଳୀନ କଳିଙ୍ଗ ପାଇକ କପ୍ ଫୁଟବଲ ଟୁର୍ଣ୍ଣାମେଂଟ ଆଜିଠାରୁ ଆରମ୍ଭ ହୋଇଛି । ଅନୁଷ୍ଠାନର ସଭାପତି ଶୁଭେନ୍ଦ୍ର କୁମାର ସ୍ୱାଇଁ ଆଜିଠାରୁ ହେବାକୁ ଥିବା ମ୍ୟାଚ୍ ଗୁଡ଼ିକରେ ଭାଗ ନେଉଥିବା ଆନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଆଫ୍ରିକାନ୍-୧୧, ଆରଡ଼ୋନ୍ ଦିଲ୍ଲୀ, କେ.ଏଲ.ଏମ୍.ଏସ୍.ସି.ସି. ବିଶାଖାପାଟଣା, ମଙ୍ଗଳା କ୍ଲବ କଟକ, କଳିଙ୍ଗ ସ୍ପୋଟିଂଙ୍ଗ ଭୁବନେଶ୍ୱର, କିଶୋର କ୍ଲବ ଭୁବନେଶ୍ୱର, ଉତ୍କଳ ସ୍ପୋଟିଂଙ୍ଗ ଜଟଣୀ, ଓ କ୍ଲବ ମଣ୍ଡିଙ୍ଗ୍ ଷ୍ଟାର ଖୋରଧା ପରି ସମୁଦାୟ ୮ଟି ପ୍ରମୁଖ କ୍ରୀଡ଼ା ଅନୁଷ୍ଠାନ ଭାଗ ନେଇଥିବା ସମ୍ପର୍କରେ ସୂଚନା ଦେଇଛନ୍ତି । କଳିଙ୍ଗ ପାଇକ କପ୍‌ର ମୁଖ୍ୟ ଉପଦେଷ୍ଟା ଡ଼. ସଞ୍ଜୟ ପଟ୍ଟନାୟକ ଆଜିଠାରୁ ନେଇ ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ଚାରିଦିନ ବ୍ୟାପୀ ପ୍ରତ୍ୟେକ ଦିନ ସନ୍ଧ୍ୟା ୬ଘଟିକା ସମୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ମତବ୍ୟକ୍ତ କରିବା ସହ ପ୍ରତ୍ୟହ ମ୍ୟାଚ୍‌କୁ ଉପଭୋଗ କରିବା ପାଇଁ ବହୁ ସଂଖ୍ୟାରେ କ୍ରୀଡ଼ା ପ୍ରେମୀ ଓ ସାଧାରଣ ଜନତା ଉପସ୍ଥିତ ରହିବା ପାଇଁ ଅନୁରୋଧ କରିଛନ୍ତି ।

## ୨୫ତମ ଆନ୍ତର୍ଯ୍ୟାତୀୟ ନାଟକ ମହୋତ୍ସବ 'ରଙ୍ଗ ମହୋତ୍ସବ' ଉଦଯାପିତ



ପାରାଦୀପ, (ମହାଭାରତ) : ନୂଆ ଦିଲ୍ଲୀର ଜାତୀୟ ନାଟ୍ୟ ବିଦ୍ୟାଳୟ, ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ କ୍ୟାନମାସ ର ମିଳିତ ଆନୁକୂଲ୍ୟରେ ପାରାଦୀପ ର ଜୟଦେବ ସଦନ ଠାରେ ୬ ଦିନ ଧରି ଚାଲିଥିବା ୨୫ତମ ଆନ୍ତର୍ଯ୍ୟାତୀୟ ନାଟକ ମହୋତ୍ସବ 'ରଙ୍ଗ ମହୋତ୍ସବ' ଫେବୃଆରୀ ୬ ତାରିଖ ଶୁକ୍ରବାର ଦିନ ସଫଳତାର ସହ ଉଦଯାପିତ ହୋଇଯାଇଛି । ଏହି ମହୋତ୍ସବର ପ୍ରଥମ ଉଦଘାଟନୀ ସନ୍ଧ୍ୟାରେ ମୁମ୍ବାଇ ର କଲେକ୍ଟିଭ ମ୍ୟାଡନେସ ଷ୍ଟୁଡିଓ ର କଳାକାର ମାନଙ୍କ ଦ୍ୱାରା ହିନ୍ଦୀ ନାଟକ 'ଜମ୍ପ' ମଂଚସ୍ଥ ହୋଇଥିବା ବେଳେ ଦ୍ୱିତୀୟ ସନ୍ଧ୍ୟାରେ ପଶ୍ଚିମବଙ୍ଗ ର କଲ୍ୟାଣୀ କଳାମଣ୍ଡଳମ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ବଙ୍ଗଳା ଭାଷୀ ଐତିହାସିକ କାଳ୍ପନିକ ନାଟକ 'ରାଧା-ରାମକୃଷ୍ଣ', କଲିକତା ର ଲିଟିଲ ଥିଏସ୍ପିଆନ ନାଟ୍ୟ ଅନୁଷ୍ଠାନ ଦ୍ୱାରା ଉର୍ଦୁ ଭାଷୀ ନାଟକ 'ଚାକ', ଶ୍ରୀଲଙ୍କା ର ରେଡ ଉଇଙ୍ଗସ ନାଟ୍ୟ ଅନୁଷ୍ଠାନ ଦ୍ୱାରା ସିଂହଳି ଭାଷା ନାଟକ 'ଡକ୍ଟର କିଙ୍ଗସ ଲାଷ୍ଟ ନାଇଟ' ଏବଂ ଉଦଯାପନୀ ସନ୍ଧ୍ୟାରେ ଭୁବନେଶ୍ୱର ର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ର କଳାକାର ମାନଙ୍କ ଓଡ଼ିଆ ନାଟକ 'ବେଗମ୍' ମଂ*ସ୍ଥ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମ କୁ କ୍ୟାନମାସ ନାଟ୍ୟ ଅନୁଷ୍ଠାନର ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ର ଏବଂ ଉପଦେଷ୍ଟା କ୍ୟାପଟେନ ଅତୁଲ୍ୟ ମହାପାତ୍ର ପରିଚାଳନା କରିଥିବା ବେଳେ ମିଡ଼ିଆ ସଂଯୋଜକ ନିରୋଜ କୁମାର ପଟ୍ଟନାୟକ ଏବଂ ସମସ୍ତ ସଦସ୍ୟ ଓ ସଦସ୍ୟା ଏଥିରେ ସକ୍ରିୟ ସହଯୋଗ କରିଥିଲେ । ତେବେ ଉଦଯାପନୀ ସନ୍ଧ୍ୟାରେ ଅତିଥି ମାନେ କଳାକାର ମାନଙ୍କୁ ସମ୍ମାନିତ କରିବା ସହ କ୍ୟାନମାସ ଅନୁଷ୍ଠାନ ନାଟକକୁ ଲୋକାଭିମୁଖୀ କରିବାର ପ୍ରୟାସକୁ ପ୍ରଶଂସା କରିଥିଲେ ।

## ସୁକିନ୍ଦା ଶିଳ୍ପ ମହୋତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ

ଦାନଗଦୀ, (ମହାଭାରତ) : ଯାଜପୁର ଜିଲ୍ଲାର କଳିଙ୍ଗନଗର ରେ ସୁକିନ୍ଦା ଶିଳ୍ପ ମହୋତ୍ସବ ଆସନ୍ତା ଫେବ୍ରୁଆରୀ ୯ ତାରିଖରୁ ଆରମ୍ଭ ହେବ । ଚଳିତ ବର୍ଷ ଏହି ମହୋତ୍ସବ ୫ଦିନ ଧରି ଚାଲିବ । ପ୍ରତିଦିନ ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟାରେ ଓଲିଉଡ୍ ଓ ବଲିଉଡ୍ କଳାକାର ମାନେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ଏଥିନିମନ୍ତେ ଆଜି ତେଲିବାହାଲୀ ମହାପାଟ ପଡିଆ ଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀ ରେ ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ପୁଅ ସବ୍ୟସାଚୀ ବଳସାମନ୍ତ ଓରଫ ଭିକି ସଭାପତିତ୍ୱ କରି ମହୋତ୍ସବ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ ।

## ବିବାଦରେ ତୁଳସୀ ଗଣନାଟ୍ୟ ମାଲିକ

ବାଲିପାଟଣା, (ମହାଭାରତ) : ପୁଣି ବିବାଦକୁ ଆସିଲେ ତୁଳସୀ ଗଣନାଟ୍ୟ ର ମାଲିକ ନାଣ୍ଟୁ ବାବୁ ଓରଫ ଅନନ୍ତ ନାରାୟଣ ଧଳ । ତାଙ୍କ ନାଁ ରେ ଥାନା ରେ ଏତଲା । ଯାତ୍ରା ମଂ*ରେ ଅଜଗର ସାପ କୁ ବେକରେ ଗୁଡ଼େଇ ଅଭିନୟ କରୁଥିବା ସତ୍ୟଜିତ୍ ପଣ୍ଡା(ସାଇ)ଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କୁ ନେଇ ସତ୍ୟଜିତ୍‌ଙ୍କ ମାଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ ତୁଳସୀ ଗଣନାଟ୍ୟ ରେ ଖଳ ନାୟକ ଭାବେ ଅଭିନୟ କରୁଥିଲେ ସତ୍ୟଜିତ୍ ପଣ୍ଡା(ସାଇ)ଗତ ବର୍ଷ ଅଗଷ୍ଟ ୪ତାରିଖ ରେ ସାଇ ଯୋଗ ଦେଇଥିଲେ । ଆଉ ଏକ ବର୍ଷ ପାଇଁ ତୁଳସୀ ଗଣନାଟ୍ୟରେ ରହିବେ ବୋଲି ଚୁକ୍ତି ମଧ୍ୟ କରିଥିଲେ । କିନ୍ତୁ ସାଇ ଙ୍କ ମାଆ ପଦ୍ମିନୀ ଦାଶ ଙ୍କ ଅଭିଯୋଗ ଅନୁସାରେ ସାଇ ଙ୍କୁ ମାନସିକ ନିର୍ଯାତନା ଦେବା ସହ ଯାତ୍ରା ପାର୍ଟିରେ ଗୁଣ୍ଡା ଲଗାଇ ସାଇଙ୍କୁ ଧମକ ଦିଆଯାଉଥିବା ଅଭିଯୋଗ ଆଣିଛନ୍ତି ସାଇ ଙ୍କ ମାଆ । ପୁଅର ଜୀବନ ପ୍ରତି ବିପଦ ଥିବାରୁ ଆଜିଠାରୁ ଖଣ୍ଡଗିରି ମଂ* ଉପରକୁ ସାଇ ଚଢ଼ିବେନି ବୋଲି ମାଆ ପଦ୍ମିନୀ ଦାଶ ଗଣମାଧ୍ୟମ ଆଗରେ କହିବା ସହ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏପର୍ଯ୍ୟନ୍ତ ତାଙ୍କ ଯାତ୍ରାପାର୍ଟି ତରଫରୁ କି ମାଲିକଙ୍କ ତରଫରୁ ପୁଅ ଅସୁସ୍ଥ ହେବା ନେଇକୌଣସିସୂଚନାଦିଆଯାଇନାହିଁ ଏହା ବଡ଼ ଦୁଃଖର କଥା । ମୋ ପୁଅର ଜୀବନ ପ୍ରତି ବିପଦ ଥିବାରୁ ମୁଁ ଆଉ ତାକୁ ଯାତ୍ରାପାର୍ଟିକୁ ଛାଡ଼ିବିନି ବୋଲି ପଦ୍ମିନୀ ଦାଶ କହିଛନ୍ତି । ଏନେଇ ତୁଳସୀ ଗଣନାଟ୍ୟ ତରଫରୁ କୌଣସି ଉତର ମିଳି ପାରିନାହିଁ ।

# କଳିଙ୍ଗନଗର ମେସ୍କୋ କାରଖାନାକୁ ନେଇ ଉତେଜନା ବଢୁଛି

ଯାଜପୁର/କଳିଙ୍ଗନଗର, (ମହାଭାରତ) : କଳିଙ୍ଗନଗର ଏସିଆ ମହାଦେଶର ବୃହତ ଶିଳ୍ପନଗରୀ ମାନ୍ୟତା ହାସଲ ପାଇଛି । ବୃହତ ଶିଳ୍ପନଗରି ର ବୃହତ୍ ଅଂଶ ମଧ୍ୟରୁ ମେସ୍କୋ କାରଖାନା ପ୍ରଥମ ସ୍ଥାନରେ ରହିଥିବାବେଳେ ଦିର୍ଘ ଛଅ ବର୍ଷ ରୁ ଉର୍ଦ୍ଧ କାରଖାନା ବନ୍ଦ ରହିଛି । ଯାହା ଫଳରେ ସ୍ଥାନୀୟ ବିସ୍ଥାପିତ ଜମିହରା କ୍ଷତିଗ୍ରସ୍ତ ଙ୍କ ପେଟରେ ଦାନା ପଡ଼ିବା ଅସମ୍ଭବ ହୋଇପଡିଛି । କାରଖାନା ବନ୍ଦ ପାଇଁ ବୋହୁ ପରିବାର ଆଜିକା ଦିନରେ ଭରଣ ପୋଷଣ ଉପରେ ଦାଉ ସାଜୁଛନ୍ତି । ଜେଉଁ କାରଖାନା ଉପରେ ନିର୍ଭର କରି ନିଜର ଜୀବନ ଜୀବିକା ଚଳାଉଥିବାବେଳେ କାରଖାନା ବନ୍ଦ ହେବାପରେ ଅନେକ ସମସ୍ୟାର ଶିକାର ହେଉଛନ୍ତି ଭିଟା ମାଟି ଦେଇ କ୍ଷତିଗ୍ରସ୍ତ ହୋଇଥିବା ସ୍ଥାନୀୟ ବାସିନ୍ଦାମାନେ । ଦୀର୍ଘ ୬ ବର୍ଷ ମଧ୍ୟରେ ଅନେକବାର ଆନ୍ଦୋଳନ ପରେ ଆନ୍ଦୋଳନ କରିଚାଲିଛନ୍ତି କର୍ମଚାରୀ ମାନେ, କିନ୍ତୁ କୌଣସି ପ୍ରକାର ସୁଫଳ ପାଇପରିନାହାନ୍ତି ।




ଦାବି ପରେ ଦାବି ବାରମ୍ବାର ଆନ୍ଦୋଳନ ପନ୍ଥା ଆପଣେଇ କାରଖାନା ର ଫାଟକ ସମ୍ମୁଖରେ ଉତେଜନା ଦେଖିବାକୁ ମିଳୁଛି । ସ୍ଥାନୀୟ ପ୍ରଶାସନ କି ସରକାର ଙ୍କ ପକ୍ଷରୁ କୌଣସି ସୂଚନା ମିଳିପାରୁନାହିଁ । ଦୁଃଖ ଓ ପରିତାପର ବିଷୟ କାରଖାନା ବନ୍ଦ ଫଳରେ ଅନେକ ଅପ୍ରୀତିକର ସମସ୍ୟରେ ଶ୍ରମିକ ମାନେ ଭୋକରୁଛନ୍ତି ।ଯାହା ଫଳରେ ପାରିବାରିକ କ୍ଷେତ୍ରରେ ଅସହାୟ ହୋଇପଡିଛନ୍ତି ଆନ୍ଦୋଳନ ପରେ ଆନ୍ଦୋଳନ କରି ପ୍ରଶାସନ ପରିଚାଳନା କମିଟି କୁ ଚେତାବନୀ ଦେଉଛନ୍ତି କିନ୍ତୁ ଦୁର୍ଭାଗ୍ୟ ର କଥା କୌଣସି ପ୍ରକାର ସୁଫଳ ପାଇପାରୁନାହାନ୍ତି । ଗତ ଦୁଇଦିନ ତଳେ ହୋଇଥିବା ଆନ୍ଦୋଳନ ରେ ଶ୍ରମିକ ମାନେ ପୁନର୍ବାର ୧୨ ତାରିଖ ରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।

ଶ୍ରମିକ ମାନଙ୍କ ମୌଳିକ ଦାବି ପୂରଣ ନହେଲେ ଆଗାମୀଦିନରେ ଆନ୍ଦୋଳନ ର ପନ୍ଥା ଆପଣେଇବାସହ ଶ୍ରମିକ ମାନେ ନିଜର ଶ୍ରମକୁ ସହଜେ କ୍ଷୟ କରିପରିବେନାହିଁ ବୋଲି ଚେତାବନୀ ଦେଇଛନ୍ତି, ତୁରନ୍ତ ଏହି ସମସ୍ୟାର ସମାଧାନ ସହ ବକେୟା ଦରମା ନିଯୁକ୍ତି ଓ କାରଖାନା ପୁନରୁଦ୍ଧାର କରି ଚଳାଇବା ସହ ପ୍ରଶାସନ ଙ୍କୁ ବାରମ୍ବାର ଜଣାଇ ବିଫଳ ହେଉଛନ୍ତି କର୍ମଚାରୀମାନେ ।

## ଆତ୍ମନିର୍ଭରଶୀଳ ହେଉଛି ଭାରତ

# ଚୀନରୁ କମିଛି ମୋବାଇଲ୍ ଫୋନ୍ ଆମଦାନୀ

**ନୂଆଦିଲ୍ଲୀ,୭।୨(ଏଜେନ୍ସି):** ମୋବାଇଲ୍ ଫୋନ୍ ଭଳି ଉପକରଣ ପାଇଁ ଭାରତ ଚୀନ୍ ଉପରେ ଏବେ ପୂର୍ବାପେକ୍ଷା କମ୍ ନିର୍ଭର କରୁଛି । ଗତ କିଛି ବର୍ଷ ମଧ୍ୟରେ ଦେଶ ଭିତରେ ନିଜସ୍ୱ ଜ୍ଞାନକୌଶଳରେ ମୋବାଇଲ ଫୋନ୍ ଉତ୍ପାଦନ ବୃଦ୍ଧି ହେବା ସହିତ ଏହାର ରପ୍ତାନି ମଧ୍ୟ ବୃଦ୍ଧି ହୋଇଛି । ଫଳରେ ଚୀନରୁ ଭାରତକୁ ମୋବାଇଲ୍ ଫୋନ୍ ଆମଦାନି ହ୍ରାସ ପାଉଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଚୀନର ଭାରତକୁ ମୋଟ ୩୭୧୦ କୋଟି ଟଙ୍କାର ମୋବାଇଲ୍ ଫୋନ୍ ଆମଦାନି ହୋଇଛି । ୨୦୧୪-୧୫ରେ ଭାରତ ଚୀନରୁ ୪୮୬୦୯ କୋଟି ଟଙ୍କା ମୂଲ୍ୟର ମୋବାଇଲ୍ ଫୋନ୍ ଆମଦାନି କରିଥିଲା । ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତର ରଖି ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ଜିତୀନ ପ୍ରସାଦ ଏହି ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଏହି ଦଶ ବର୍ଷ ମଧ୍ୟରେ ଦେଶରୁ ମୋବାଇଲ୍ ଫୋନ୍ ରପ୍ତାନୀ ୧୫୬୬ କୋଟି ଟଙ୍କାରୁ ବି ୨,୦୫,୦୧୭



କୋଟି ଟଙ୍କାରେ ପହଞ୍ଚିଛି । ତେବେ କେବଳ ମୋବାଇଲ ଫୋନ୍ ଓ ଇଲେକ୍ଟ୍ରୋନିକ୍ ତଥା ଟେଲିକମ୍ ଉପକରଣ ନୁହେଁ, ବରଂ ବରଂ ସାର, କେମିକାଲ, ଲୌହ ଓ ଇସ୍ପାତ ଭଳି କ୍ଷେତ୍ରରେ ମଧ୍ୟ ଚୀନ୍‌ରୁ ଆମଦାନୀ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି । ଏହି ସମୟରେ ଚୀନରୁ ସାର ଆମଦାନୀ ୬୧ ପ୍ରତିଶତ ହ୍ରାସ ପାଇଥିବା ବେଳେ ଲୌହ ଓ ଇସ୍ପାତ ଆମଦାନି ୧୦.୩ ପ୍ରତିଶତ ହ୍ରାସ ପାଇଛି । ବିଭିନ୍ନ ସାମଗ୍ରୀ କ୍ଷେତ୍ରରେ କେଣସି ଏକ ନିର୍ଦ୍ଦିଷ୍ଟ ରାଷ୍ଟ୍ରରୁ ଆମାଦାନି ହ୍ରାସ କରି ବିକଳ୍ପ ଉତ୍ସରୁ ଆମଦାନି ଉପରେ ଗରୁତ୍ୱ ଦିଆଯାଉଥିବା ମନ୍ତ୍ରୀ କହିଛନ୍ତି ।

# ବଢ଼ିବ ଭାରତୀୟ ବାୟୁସେନାର ଶକ୍ତି



**ନୂଆଦିଲ୍ଲୀ,୭।୨(ଏଜେନ୍ସି):** ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ ଫେବୃଆରୀ ତୃତୀୟ ସପ୍ତାହରେ ଭାରତ ଗସ୍ତରେ ଆସୁଛନ୍ତି । ସେ ଫେବୃଆରୀ ୧୮ ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ଏଆଇ ସମ୍ମିଳନୀରେ ଯୋଗଦେବେ ବୋଲି ଆଶା କରାଯାଉଛି । ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନଙ୍କ ଏହି ଗସ୍ତ ଭାରତୀୟ ପ୍ରତିରକ୍ଷା କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । କାରଣ ଭାରତ ଓ ଫ୍ରାନ୍ସ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନାରେ ରାଫେଲ ଜେଟ୍ କ୍ରୟ ପ୍ରସ୍ତାବ ଉପରେ ଆଲୋଚନା ହୋଇପାରେ । ଏହି ଚୁକ୍ତିରେ ଭାରତୀୟ ବାୟୁସେନା ପାଇଁ ୧୧୪ଟି ରାଫେଲ ଲଢୁଆ ବିମାନ କିଣିବା ପାଇଁ ଡିଲ୍ ହୋଇପାରେ । ସୂଚନା ଅନୁଯାୟୀ, ଭାରତର ପ୍ରତିରକ୍ଷା ଅଧିଗ୍ରହଣ ବୋର୍ଡ ଗତ ମାସରେ ଏହି ପ୍ରସ୍ତାବକୁ ପ୍ରାଥମିକ ଅନୁମୋଦନ ଦେଇଥିଲା ଏବଂ ଆସନ୍ତା ସପ୍ତାହରେ ଭାରତର ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଏହା ଉପରେ ଆଲୋଚନା ହେବା ନେଇ ଆଶା କରାଯାଉଛି । ଭାରତୀୟ ବାୟୁସେନାର ବର୍ତ୍ତମାନର ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଚୁକ୍ତିକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତ ଭାବୁଛି । ଭାରତୀୟ ବାୟୁସେନା ୮୮ଟି ସିଙ୍ଗଲ-ସିଟର ଓ ୨୬ଟି ଟୁଇନ୍-ସିଟର ଏୟାରକ୍ରାଫ୍ଟ କିଣିବ । ଅଧିକାଂଶ ଫ୍ରାନ୍ସ ନିର୍ମାତା ଡିସାଲ୍ଟ ଓ ଭାରତୀୟ ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା ଭାରତରେ ନିର୍ମାଣ ହେବ, ଚୁକ୍ତି ପୂରା ହେବା ପରେ, ଭାରତୀୟ ବାୟୁସେନା ପାଖରେ ରାଫେଲ ବିମାନ ସଂଖ୍ୟା ପ୍ରାୟ ୧୫୦କୁ ବୃଦ୍ଧି ପାଇବ । ଏଠାରେ କହିରଖୁଛୁ କି, ରାଫେଲ ଲଢୁଆ ବିମାନ ଭାରତୀୟ ବାୟୁସେନା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅପରେସନ୍ ସିନ୍ଦୂର ସମୟରେ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେବାରେ ଏହି ଲଢୁଆ ବିମାନ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ରାଫେଲ ଏକ ୪.୫-ପିଢ଼ିର ଲଢୁଆ ବିମାନ, ଯାହାକୁ ପାକିସ୍ତାନର ଜେଏଫ୍-୧୭ଠୁ ଅଧିକ ଉନ୍ନତ ବୋଲି ଜଣାଯାଏ । ଏହା ବ୍ୟତୀତ, ଭାରତୀୟ ବାୟୁସେନା ପାଖରେ ବର୍ତ୍ତମାନ ୩୬ଟି ରାଫେଲ ଯୁଦ୍ଧ ବିମାନ ଅଛି, ଫ୍ରାନ୍ସ ସହ ଚୁକ୍ତି ସ୍ୱାକ୍ଷର ପରେ ଏହି ସଂଖ୍ୟା ଅଧିକ ବଢ଼ିବା ନେଇ ଆଶା କରାଯାଉଛି ।

# ତାମିଲନାଡୁରେ ବାର୍ଡ଼ ଫ୍ଲୁ ଆତଙ୍କ

**ନୂଆଦିଲ୍ଲୀ,୭।୨(ଏଜେନ୍ସି):** ଚେନ୍ନାଇ ସମେତ ତାମିଲନାଡୁରେ ଶହ ଶହ କାଉଙ୍କ ମୃତ୍ୟୁ ପରେ ରାଜ୍ୟରେ ବାର୍ଡ଼ଫ୍ଲୁ ନେଇ ଆତଙ୍କ ଦେଖାଯାଇଛି । ପରୀକ୍ଷାରୁ ମୃତ କାଉଙ୍କଠାରେ ଏଚ୍୫ଏନ୍୧ ଭୂତାଣୁ ଠାବ ହୋଇଛି । ସ୍ୱରସ୍ଥ୍ୟ କର୍ତ୍ତୃପକ୍ଷ ବାର୍ଡ଼ଫ୍ଲୁ ପ୍ରକୋପ ନିୟନ୍ତ୍ରଣ କରିବା ପାଇଁ ଶୀଘ୍ର ପଦକ୍ଷେପ ନେଉଥିବାବେଳେ ଜନସାଧାରଣଙ୍କ ପାଇଁ ପରାମର୍ଶ ଜାରି କରାଯାଇଛି । ଅଧିକ ସଂକ୍ରମଣ ରୋକିବା ପାଇଁ ଜୈବ ସୁରକ୍ଷା ପ୍ରୋଟୋକଲ ଅନୁଯାୟୀ ସମସ୍ତ କାଉ ଏବଂ କୁକୁଡ଼ାଙ୍କ ମୃତଦେହକୁ ଜାଳି ଦେବାକୁ କିମ୍ବା ଗଭୀର ଗାତ କରି ପୋତିବାକୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର ସରକାର ତାମିଲନାଡୁ ସରକାରଙ୍କୁ ବନ୍ୟ ପକ୍ଷୀ, ଗୃହପାଳିତ କୁକୁଡ଼ା ଏବଂ ମଣିଷଙ୍କ ମଧ୍ୟରେ ଏହା ଯେପରି ନ ବ୍ୟାପେ ଏହାକୁ ରୋକିବା ପାଇଁ ନିରୀକ୍ଷଣ, ଜୈବ ସୁରକ୍ଷା ଏବଂ ରୋଗ ନିୟନ୍ତ୍ରଣ



ପଦକ୍ଷେପକୁ ତୀବ୍ର କରିବାକୁ କହିଛନ୍ତି । ଆଦ୍ୟାର୍, ଭେଲାଚେରୀ, ତିରୁବନମିୟୁର ଏବଂ ପୁରୁଣା ମହାବଳୀପୁରମ ରୋଡ୍ ପରି ଅଞ୍ଚଳରୁ କାଉ ମୃତ୍ୟୁ ରିପୋର୍ଟ ଆସିବା ପରେ ଜାନୁଆରି ଶେଷ ଭାଗରେ ପଶୁ ସ୍ୱାସ୍ଥ୍ୟ ଦଳଗୁଡ଼ିକ ତଦନ୍ତ ଆରମ୍ଭ କରିଥିଲେ । ସଂଗୃହୀତ ନମୁନାଗୁଡ଼ିକୁ ଭୋପାଳର ଆଇସିଏଆର- ଏନ୍ଆଇଏଚ୍ଏସ୍ଏଡିକୁ ପଠାଯାଇଥିଲା, ଯେଉଁଠାରେ ପରୀକ୍ଷାରୁ ମୃତ ପକ୍ଷୀମାନଙ୍କଠାରେ ଏଚ୍୫ଏନ୍୧ ପକ୍ଷୀ ଇନଫ୍ଲୁଏଞ୍ଜା ଚିହ୍ନଟ ହୋଇଥିଲା ।

## ବିହାର ନିର୍ବାଚନକୁ ବାତିଲ କରିବା ପ୍ରସଙ୍ଗ

# ଜନସୁରାଜକୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

**ନୂଆଦିଲ୍ଲୀ,୭।୨(ଏଜେନ୍ସି):** ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ଦ୍ୱାରା ଦାୟର ହୋଇଥିବା ଆବେଦନ ଗ୍ରହଣ କରିବାକୁ ଶୁକ୍ରବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । ପ୍ରଶାନ୍ତ କିଶୋରଙ୍କ ନେତୃତ୍ୱାଧୀନ ଜନ ସୁରାଜ ପାର୍ଟି ୨୦୨୫ ବିହାର ବିଧାନସଭା ନିର୍ବାଚନକୁ ବାତିଲ କରିବାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆଦର୍ଶ ଆଚରଣ ବିଧି (ଏମ୍ସିସି) ଲାଗୁ ହେବା ପରେ ମହିଳା ଭୋଟରଙ୍କୁ ୧୦,୦୦୦ ଟଙ୍କା ସିଧାସଳଖ ନଗଦ ହସ୍ତାନ୍ତର ସମେତ ବ୍ୟାପକ ନିର୍ବାଚନୀ ଅନିୟମିତତା ହୋଇଥିବା ଦଳ ଅଭିଯୋଗ କରିଥିଲା । ତେବେ ବିହାର ବିଧାନସଭା ନିର୍ବାଚନକୁ ରଦ୍ଦ କରିବା ପାଇଁ ଜନସୁରାଜ ପାର୍ଟି ସୁପ୍ରିମକୋର୍ଟରେ କରିଥିବା ଆବେଦନ ଖାରଜ ହୋଇଯାଇଛି । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ବାଚନ ଫଳାଫଳ ବାତିଲ କରିବା ଏବଂ ନୂଆ କରି ମତଦାନ କରିବାକୁ ନିର୍ଦ୍ଦେଶ ଦେବା ପାଇଁ



ହୋଇଥିବା ଅନୁରୋଧ ଉପରେ କୌଣସି ନିର୍ଦ୍ଦେଶ ଦେବାକୁ ମନା କରିଦେଇଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଜନ ସୁରାଜ ପାର୍ଟିକୁ ତୀବ୍ର ଭର୍ତ୍ସନା କରି କହିଛନ୍ତି ଯେ, ତୁମକୁ ଜନତା ପ୍ରତ୍ୟାଖ୍ୟାନ କରିଦେଲେ, ତୁମେ ଚର୍ଚ୍ଚାରେ ରହିବାକୁ ଅଦାଲତ ଚାଲି ଆସିଲ । ଏହା ଠିକ୍ କଥା ନୁହେଁ । ଜନସୁରାଜ ପାର୍ଟି ବିହାର ବିଧାନସଭା ନିର୍ବାଚନ ପାଇଁ ୨୪୩ ବିଧାନସଭା ଆସନରୁ ୨୪୨ରେ ପ୍ରାର୍ଥୀ ଦେଇଥିଲା । ପାର୍ଟି କେଣସି ଗୋଟିଏ ବି ଆସନ ଜିତିପାରିନଥିଲା । ପ୍ରଶାନ୍ତଙ୍କ ଆବେଦନ ରାଜ୍ୟ ସମ୍ବନ୍ଧିତ ହୋଇଥିବାରୁ ସର୍ବୋଚ୍ଚ ଅଦାଲତ ତାଙ୍କ ଦଳକୁ ପାଟନା ହାଇକୋର୍ଟ ଯିବାକୁ ପରାମର୍ଶ ଦେଇଛନ୍ତି ।

# ସିକିମରରେ ୪.୫ ତୀବ୍ରତାର ଭୂମିକମ୍ପ

**ନୂଆଦିଲ୍ଲୀ,୭।୨(ଏଜେନ୍ସି):** ଆଜି ସିକିମର ଗ୍ୟାଲସିଂରେ ରିକ୍ଟର ସ୍କେଲରେ ୪.୫ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଛି । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ସିକିମର ଗ୍ୟାଲସିଂରେ ରାତି ୧.୦୯ ସମୟରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୪.୫ ଥିଲା । ଭୂମିକମ୍ପ ଯୋଗୁଁ ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ବାହାରି ଆସିଥିଲେ । ଏହି ଭୂମିକମ୍ପ ଯୋଗୁଁ କୌଣସି ବଡ଼ କ୍ଷୟକ୍ଷତି କିମ୍ବା ଜୀବନ ଓ ସମ୍ପତ୍ତିର କ୍ଷତି ବିଷୟରେ ଏପର୍ଯ୍ୟନ୍ତ କୌଣସି ସରକାରୀ ସୂଚନା ନାହିଁ, କିନ୍ତୁ ସ୍ଥାନୀୟ ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି । ଗତ ମଙ୍ଗଳବାର ଦିନ ପୂର୍ବରୁ, କୋଲକାତା ଏବଂ ପଶ୍ଚିମବଙ୍ଗର ଅନେକ ସ୍ଥାନରେ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଏହି ଭୂମିକମ୍ପର ତୀବ୍ରତା ୬.୦ ଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା ମିଆଁମାରର ସିଟ୍ୱେ ନିକଟରେ, ୟେନାଙ୍ଗୟାଙ୍ଗରୁ ୯୫ କିଲୋମିଟର ପଶ୍ଚିମରେ ଏବଂ ବାଂଲାଦେଶର କକ୍ସ ବଜାରରୁ ପ୍ରାୟ ୨୦୦ କିଲୋମିଟର ଦୂରରେ । ରାତିରେ ହଠାତ ଭୂମିକମ୍ପ ଯୋଗୁଁ କୋଲକାତାର ଉଚ୍ଚ କୋଠାଘରର ବାସିନ୍ଦାମାନେ ଭୟଭୀତ ହୋଇ ଖୋଲା ପଡ଼ିଆକୁ ପଳାଇ ଯାଇଥିଲେ ।

# ତୁରନ୍ତ ତେହେରାନ ଖାଲି କରିବାକୁ ନିଜ ନାଗରିକଙ୍କୁ ଟ୍ରମ୍ପ ପ୍ରଶାସନର ପରାମର୍ଶ

**ନୂଆଦିଲ୍ଲୀ,୭।୨(ଏଜେନ୍ସି):** ଆମେରିକା ଏବଂ ଇରାନ ମଧ୍ୟରେ ପରିସ୍ଥିତି ବେଳକୁ ବେଳ ଖରାପ ହେବାରେ ଲାଗିଛି । ଏହି ସମୟରେ ଆଜି (ଶୁକ୍ରବାର) ଆମେରିକୀୟ ଦୂତାବାସ ଇରାନରେ ଥିବା ଏହାର ନାଗରିକଙ୍କ ପାଇଁ ଏକ ଆଡଭାଇଜରି ଜାରି କରିଛି । ସେମାନଙ୍କୁ ତୁରନ୍ତ ଇରାନ ଛାଡିବାକୁ ପରାମର୍ଶ ଦେଇଛି । ଇରାନ ସରକାର ସୁରକ୍ଷା ବୃଦ୍ଧି କରିବା ପାଇଁ ଅନେକ ସ୍ଥାନରେ ରାସ୍ତା ଅବରୋଧ କରୁଛନ୍ତି ଏବଂ ବିମାନ ଯାତ୍ରାକୁ ମଧ୍ୟ ପ୍ରତିବନ୍ଧକ ଲଗାଉଛନ୍ତି ।



ଏହି ପରିସ୍ଥିତି ଦୁଇ ଦେଶ ମଧ୍ୟରେ ଯୁଦ୍ଧର ଆଶଙ୍କା ବୃଦ୍ଧି କରିଛି । ଯୁଦ୍ଧର ଆଶଙ୍କା ମଧ୍ୟରେ, ଆମେରିକୀୟ ଦୂତାବାସ ଏହାର ନାଗରିକ ମାନଙ୍କୁ ତୁରନ୍ତ ଇରାନ ଛାଡିବାକୁ ଅନୁରୋଧ କରିଛି । ସେମାନେ ସଡ଼କ, ଆକାଶ କିମ୍ବା ସମୁଦ୍ର ପଥର ସାହାରା ନିଅନ୍ତୁ କିନ୍ତୁ ଇରାନ ଛାଡନ୍ତୁ । ଦୂତାବାସ କହିଛି ଯେ, ବିଶ୍ୱବ୍ୟାପୀ ବିମାନ କମ୍ପାନୀ ଗୁଡ଼ିକ ଇରାନକୁ ବିମାନ ଚଳାଚଳକୁ ସୀମିତ କରୁଛନ୍ତି, ଏବଂ ଅନେକ ବିମାନ ବାତିଲ କରାଯାଉଛି । ଯାହା ଫଳରେ ସେମାନେ ଇରାନରୁ ଫେରିବାକୁ ବ । ଧ ହେଉଛନ୍ତି । ଆଡଭାଇଜରିରେ ଏକ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ଦୂତାବାସ ଏହାର ନାଗରିକ ମାନଙ୍କୁ ଆମେରିକା ସରକାରଙ୍କ ଠାରୁ ସାହାଯ୍ୟ ଆଶା ନକରିବା ଏବଂ କୌଣସି ସହାୟତା ବିନା ଯଥାଶୀଘ୍ର ଇରାନ ଛାଡିବାକୁ ପରାମର୍ଶ ଦେଇଛି । ଏହା ମଧ୍ୟ ଉଲ୍ଲେଖ କରିବା ଗୁରୁତ୍ୱପୂର୍ଣ୍ଣ ଯେ ଆମେରିକା ଏବଂ ଇରାନ ମଧ୍ୟରେ ପରମାଣୁ ଆଲୋଚନା ଶୁକ୍ରବାର ହେବାର କାର୍ଯ୍ୟକ୍ରମ ଅଛି । ଏହି ଆଲୋଚନା ଓମାନରେ ହେବ । ଆଇଏଏନଏସ ଅନୁସାରେ, ହ୍ୱାଇଟ୍ ହାଉସ୍ କହିଛି ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଦଳ କୂଟନୈତିକ ପ୍ରୟାସ ଉପରେ କାମ କରୁଛି । ପ୍ରାଥମିକ ଏଜେଣ୍ଡା ହେଉଛି ଇରାନର ପରମାଣୁ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରିବା ।

# ଜଳିଗଲା ୨୦୦ ବର୍ଷ ପୁରୁଣା ମନ୍ଦିର

**ନୂଆଦିଲ୍ଲୀ,୭।୨(ଏଜେନ୍ସି):** ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାର ଭରମୋରରେ ଭୟଙ୍କର ଅଗ୍ନିକାଣ୍ଡ । ଶୁକ୍ରବାର ଖୁନ୍ଦେଲର ଗିରଡ ଗାଁରେ ଥିବା ୨୦୦ ବର୍ଷ ପୁରୁଣା ଗିରଡ ମାତା ମନ୍ଦିରରେ ହଠାତ ନିଆଁ ଲାଗି ଯାଇଥିଲା । ପ୍ରାୟ ଦୁଇ ଶତାବ୍ଦୀ ପୁରୁଣା ଏହି ମନ୍ଦିର ଜଳି ପୋଡି ପାଉଁଶ ହୋଇଯାଇଛି । ଦେବଦାରୁ କାଠରେ ତିଆରି ଏହି ମନ୍ଦିର ମାତ୍ର କିଛି ଘଣ୍ଟାରେ ସମ୍ପୂର୍ଣ୍ଣ ପୋଡି ଯାଇଥିଲା,ଯାହାଫଳରେ ସ୍ଥାନୀୟ ଲୋକଙ୍କ ଆସ୍ଥା ଓ ଆଞ୍ଚଳିକ ସାଂସ୍କୃତିକ ପରିଚୟକୁ ଗଭୀର ଆଘାତ ଲାଗିଥିଲା । ହିମାଚଳର ଦୁର୍ଗମ ଅଞ୍ଚଳରେ ଥିବା ଗିରଡ ମାତା ମନ୍ଦିର ମୂଲ୍ୟବାନ ଦେବଦାରୁ କାଠରେ ତିଆରି ହୋଇଥିଲା । ଏହି କାଠରେ ନିଆଁ ଲାଗିବା ମାତ୍ରେ ତାହା ମାତ୍ର କିଛି ଘଣ୍ଟାରେ ପୋଡି ପାଉଁଶ ହୋଇଯାଇଥିଲା । ସ୍ଥାନୀୟ ଲୋକ ଯେତେବେଳେ ଘଟଣାସ୍ଥଳରେ ପହଁଞ୍ଚିଥିଲେ



ଓ ଉଦ୍ଧାର କରିବା ଚେଷ୍ଟା ଆରମ୍ଭ କରିଥିଲେ, ସେତେବେଳେ ସବୁ କିଛି ଶେଷ ହୋଇ ସାରିଥିଲା । ଲକ୍ଷାଧିକ ଟଙ୍କାର ଆର୍ଥିକ କ୍ଷତି ଘଟିଥିଲା । ଅଗ୍ନିକାଣ୍ଡରେ କେବଳ ମନ୍ଦିର ନୁହେଁ ମୂର୍ତ୍ତି ମଧ୍ୟ କ୍ଷତି ହୋଇଛି । ମନ୍ଦିରରେ ଥିବା ପ୍ରାଚୀନ ଓ ଐତିହାସିକ ଗୁରୁତ୍ୱକୁ ମଧ୍ୟ ଅପୁରଣନୀୟ କ୍ଷତି ସହିବାକୁ ପଡିଛି । ମାର୍ବଲ ଓ ଦୁର୍ଲଭ ‘ବ୍ଲାକ ଷ୍ଟୋନ୍’ରେ ନିର୍ମିତ ମାତାଙ୍କ ମୂର୍ତ୍ତି ନିଆଁର ପ୍ରକୋପରେ କ୍ଷତିଗ୍ରସ୍ତ ହୋଇଯାଇଛି । ମନ୍ଦିରରେ ଥିବା ପିତ୍ତଳର ପ୍ରାଚୀନ୍ ମୂର୍ତ୍ତି ମଧ୍ୟ ପ୍ରବଳ କ୍ଷୟକ୍ଷତି ହୋଇଛି । ଦେବଦାରୁର କାଠରେ ତିଆରି ଏହି ଦୁର୍ଲଭ ଓ ପ୍ରାଚୀନ କାରୁକାର୍ଯ୍ୟ ଏବେ କେବଳ ସ୍ମୃତିରେ ରହିଯିବ ।

# ନିମ୍ନସ୍ତରୀୟ ରାଜନୀତି ବନ୍ଦ କର

**ନୂଆଦିଲ୍ଲୀ,୭।୨(ଏଜେନ୍ସି):** ନାଗପୁରରେ ଏକ ବିମାନ ଦୁର୍ଘଟଣାରେ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି(ଏନ୍ସିପି)ର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଦୁର୍ଭାଗ୍ୟଜନକ ମୃତ୍ୟୁ ପରେ, ରାଜ୍ୟ ରାଜନୀତିରେ ସନ୍ଦେହ ପ୍ରକାଶ ପାଇବା ସହିତ ଆରୋପ-ପ୍ରତ୍ୟାରୋପର ଧାରା ଆରମ୍ଭ ହୋଇଛି । ଅଜିତ ପାୱାରଙ୍କ ମୃତ୍ୟୁର ଚତୁର୍ଥ ଦିନରେ ତାଙ୍କ ପତ୍ନୀ ସୁନେତ୍ରା ପାୱାରଙ୍କୁ ଉପମୁଖ୍ୟମନ୍ତ୍ରୀ(ଡିସିଏମ୍) ଭାବରେ ଶପଥ ଗ୍ରହଣ କରିବା ସମ୍ପର୍କରେ, ଶିବସେନା ସିନ୍ଦେ ଗୋଷ୍ଠୀର ନେତା ରାମଦାସ କଦମ ଏନସିପି ରାଜ୍ୟ ସଭାପତି ସୁନୀଲ ତତକରେଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ଯେ, ଉଭୟ ଏନ୍ସିପି ଗୋଷ୍ଠୀ କାଳେ ଏକାଠି ହୋଇଯିବେ ସେହି ଭୟରେ ସେ ସୁନେତ୍ରା ପାୱାରଙ୍କୁ ଡିସିଏମ୍ କରିବା ପାଇଁ ତରବରିଆ ଭାବେ ନିଷ୍ପତ୍ତି ନେଇଥିଲେ । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ ଏପରି ଅଭିଯୋଗର ଦୃଢ଼ ପ୍ରତିବାଦ କରିଛନ୍ତି ଏବଂ ମହାଯୁତି ନେତାମାନଙ୍କୁ ନିମ୍ନସ୍ତରୀୟ ରାଜନୀତିରୁ ଦୂରେଇ ରହିବାକୁ ଅନୁରୋଧ କରିଛନ୍ତି । ନାଗପୁରରେ ବିଦର୍ଭ ଆଡଭାଣ୍ଟେଜ ରାଲିରେ ଯୋଗ ଦେବା ପରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, ଅଜିତ ପାୱାରଙ୍କ ଦୁର୍ଘଟଣାକୁ ନେଇ ଚାଲିଥିବା



ବିବାଦ ଏବଂ ଅଭିଯୋଗ ତୁରନ୍ତ ସମାପ୍ତ ହେବା ଉଚିତ । ଏହି ପ୍ରସଙ୍ଗରେ ହେଉଥିବା ରାଜନୀତି ଉପରେ ସେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଫଡନବୀସ କହିଛନ୍ତି, ଅଜିତ ପାୱାର ରାଜ୍ୟର ଜଣେ ପ୍ରମୁଖ ନେତା ଥିଲେ । ତାଙ୍କ ଦୁର୍ଘଟଣା ପରେ ଶୋକ ପ୍ରକାଶ କରିବା ପରିବର୍ତ୍ତେ କିଛି ଲୋକ ନିଜର ରାଜନୈତିକ ସ୍ୱାର୍ଥ ହାସଲ କରିବାକୁ ଚେଷ୍ଟା କରୁଛନ୍ତି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ବର୍ତ୍ତମାନର ବିବାଦ ସମ୍ପୂର୍ଣ୍ଣ ଅର୍ଥହୀନ । ମିଥ୍ୟା ଅଭିଯୋଗ କରାଯାଉଛି । ପ୍ରତ୍ୟେକ ଘଟଣାକୁ ରାଜନୀତିର ସୁଯୋଗ ଭାବରେ ଦେଖିବା ଭୁଲ୍ ବୋଲି ସେ ତାଗିଦ୍ କରିଛନ୍ତି । ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି ନେତା ସୁନୀଲ ତତକରେଙ୍କ ବିରୋଧରେ ରାମଦାସ କଦମଙ୍କ ଦ୍ୱାରା ଲଗାଯାଇଥିବା ଅଭିଯୋଗ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏପରି ଅଭିଯୋଗ ପରିସ୍ଥିତିକୁ ଆହୁରି ଖରାପ କରିବାର ସମ୍ଭାବନା ରହିଛି । ରାଜ୍ୟ ରାଜନୀତିରେ ପରିପକ୍ୱତା ଆବଶ୍ୟକ । ନିମ୍ନସ୍ତରର ରାଜନୀତି ବନ୍ଦ ହେବା ଉଚିତ । କୌଣସି ଦୁଃଖଦ ଘଟଣାରୁ ରାଜନୈତିକ ଲାଭ ପାଇବା ପାଇଁ କୌଣସି ପ୍ରୟାସ କରାଯିବା ଉଚିତ ନୁହେଁ । ଫଡନବୀସ ସ୍ପଷ୍ଟ କରିଛନ୍ତି ଯେ, ଯଦି ଅଜିତ ପାୱାରଙ୍କ ଦୁର୍ଘଟଣା ସହିତ ଜଡିତ କୌଣସି ତଥ୍ୟର ତଦନ୍ତ ଆବଶ୍ୟକ ହୁଏ, ତେବେ ସମ୍ପୃକ୍ତ ଏଜେନ୍ସିଗୁଡ଼ିକ ଆଇନ ପରିସର ମଧ୍ୟରେ ତଦନ୍ତ କରିବା ଉଚିତ । ତଥାପି, ସାର୍ବଜନୀନ ମଞ୍ଚରେ ଏକାଧିକ ଅଭିଯୋଗ ଆଣିବା ରାଜ୍ୟର ରାଜନୈତିକ ସଂସ୍କୃତି ସହିତ ମେଳ ଖାଉ ନାହିଁ । ଆଜି ସମାଜକୁ ସଂଯମ, ସମ୍ବେଦନଶୀଳତା ଏବଂ ଦାୟିତ୍ୱବୋଧର ଆବଶ୍ୟକତା ରହିଛି ।

# ବଢୁଛି ବଡ଼ କାର୍ ରପ୍ତାନୀ

**ନୂଆଦିଲ୍ଲୀ,୭।୨(ଏଜେନ୍ସି):** ଦେଶରେ ଗତ କିଛି ବର୍ଷ ହେଲା ଛୋଟ କାର୍ ତୁଳନାରେ ବଡ଼ କାର୍ ବା ସୋର୍ଟସ ୟୁଟିଲିଟି ଯାନ (ଏସ୍ୟୁଭି) ଓ ମଲ୍ଟି ୟୁଟିଲିଟି ଯାନ (ଏମ୍ୟୁଭି) ବିକ୍ରି ବୃଦ୍ଧି ପାଉଛି । ଘରୋଇ ବଜାରରେ ଏହିସବୁ ଯାନର ଚାହିଦା ବିବା ସହିତ ବିଦେଶକୁ ଏସବୁର ରପ୍ତାନିରେ ବୃଦ୍ଧି ପରିଲକ୍ଷିତ ହୋଇଛି । ଫଳରେ କେବଳ କ୍ଷୁଦ୍ର କାର୍ ଉତ୍ପାଦନକାରୀ ନୁହେଁ, ବରଂ ଭାରତକୁ ବଡ଼ କାର୍ ପ୍ରସ୍ତୁତକାରୀ ଦେଶର ପରିଚୟ ମିଳି ପାରିଛି । ଗତ ଚାରି ବର୍ଷ ମଧ୍ୟରେ ଏ କ୍ଷେତ୍ରରେ ବିଶେଷ ଅଭିବୃଦ୍ଧି ହାସଲ ହୋଇଛି । କୋଭିଡ୍ ପରବର୍ତ୍ତୀ ସମୟରେ ବଡ଼ କାର୍ ବଜାର ବୃଦ୍ଧି ପାଇଛି ।



୨୦୨୨ରେ ଭାରତ ବିଭିନ୍ନ ଦେଶକୁ ୨.୦୧ ଲକ୍ଷ ୟୁଟିଲିଟି ଯାନ ରପ୍ତାନି କରିଥିବାବେଳେ ଏବେ ତାହା ୨.୮୮ ଲକ୍ଷରେ ପହଞ୍ଚି ସାରିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତରୁ ମୋଟ ୪.୩ ଲକ୍ଷ କାର୍ ବିଭିନ୍ନ ଦେଶକୁ ରପ୍ତାନି ହୋଇଥିଲା । ତେବେ ଏହି ସମୟରେ ୟୁଟିଲିଟି ଯାନ ବା ବଡ଼ କାର୍ର ରପ୍ତାନି ତାହାର ଏକ ବଡ଼ ଭାଗ ହାସଲ କରିଛି । ୨୦୨୪-୨୫ରେ ଭାରତରୁ ୨.୩ ଲକ୍ଷ ଏହି ଶ୍ରେଣୀର କାର୍ ବିଦେଶକୁ ରପ୍ତାନି ହୋଇସାରିଛି । ତେବେ ଚଳିତ ବର୍ଷ ଏପ୍ରିଲରୁ ନଭେମ୍ବର ମଧ୍ୟରେ ୟୁଭି ଓ ଏସୟୁଭି ରପ୍ତାନି ଅଧିକ ଉତ୍ସାହଜନକ ରହିଛି । ଏହି ସମୟରେ ଭାରତରୁ ମୋଟ କାର୍ ରପ୍ତାନି ୨.୭୧ ଲକ୍ଷରୁ ବୃଦ୍ଧି ପାଇ ୩.୦୪ ଲକ୍ଷରେ ପହଞ୍ଚିଥିବା ବେଳେ ୟୁଭି କାର୍ ରପ୍ତାନି ୨.୮୮ ଲକ୍ଷ ହୋଇଛି । ପୂର୍ବ ବର୍ଷ ସମାନ ସମୟରେ ଏହା ୨.୨୨ ଲକ୍ଷ ଥିଲା । ଭାରତରେ ଇଲେକ୍ଟ୍ରିକ୍ କାର୍ ବଜାରରେ ମଧ୍ୟ ଉତ୍ସାହ ପରିଲକ୍ଷିତ ହୋଇଛି । ଏହି କାର ଉତ୍ପାଦନ ଓ ରପ୍ତାନି ମଧ୍ୟ ବୃଦ୍ଧି ପାଉଛି ।

## ଉତ୍ତରପ୍ରଦେଶରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୬ ମୃତ ଓ ଜଣେ ଆହତ

ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶର ମଥୁରାରେ ଯମୁନା ଏକ୍ସପ୍ରେସୱେରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟଛି । ଏହି ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଅସାବଧାନତା ଏବଂ ଦ୍ରୁତ ଗତି ଯୋଗୁଁ ଏହି ଦୁର୍ଘଟଣା ଘଟିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନା ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନାନୁଯାୟୀ, ବସ୍ ଟି ଦିଲ୍ଲୀରୁ କାନପୁର ଅଭିମୁଖେ ଯାତ୍ରା କରୁଥିଲା । ବସରେ ଥିବା ଯାତ୍ରୀମାନେ ଶୌଚାଳୟ ବ୍ୟବହାର କରିବା ପାଇଁ ବାହାରକୁ ଆସିଥିଲେ । ସେହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ କଣ୍ଟେନର ସେମାନଙ୍କୁ ଚାପି ଦେଇଥିଲା । ଅସାବଧାନତା ଏବଂ ଦ୍ରୁତ ଗତି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି । ସୁରିର ଥାନା ଅଞ୍ଚଳରେ ଯମୁନା ଏକ୍ସପ୍ରେସୱେର ମାଇଲଷ୍ଟୋନ୍ ୮୮ ନିକଟରେ ଏହି ଦୁର୍ଘଟଣା ଘଟିଛି । ଘଟଣାଟି ରାତି ପ୍ରାୟ ୨:୪୫ ରେ ଘଟିଥିଲା । ଦୁର୍ଘଟଣା ପରେ, ଔରୈୟାର ସର୍ବ କଟରା ନିବାସୀ ସୋନୁ, ବସ୍ତିର ଆଲେୱାଲର ନିବାସୀ ଦେବେଶ, କନୌଜର ଗଣେଶ କା ପୂର୍ବାର ନିବାସୀ ଅସଲମ, ଦିଲ୍ଲୀର ପ୍ରେମ ନଗର ନିବାସୀ ସନ୍ତୋଷ ଏବଂ ଅନ୍ୟ ଦୁଇଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଯେତେବେଳେ ଔରୈୟାର ବେଲା ନିବାସୀ ଅମର ଦୁବେ ଦୁର୍ଘଟଣାରେ ଆହତ ହୋଇଥିଲେ ।

ସୂଚନାଯୋଗ୍ୟ, ଗତ ମାସରେ, ଯମୁନା ଏକ୍ସପ୍ରେସୱେରେ ଦୁଇଟି ବଡ଼ ଦୁର୍ଘଟଣା ଘଟିଥିଲା । ଜାନୁଆରୀ ୨୨ ତାରିଖରେ ମଥୁରା ଅଞ୍ଚଳର ଯମୁନା ଏକ୍ସପ୍ରେସୱେରେ ଏକ ସ୍ଲିପର କୋଚ୍/ଡବଲ୍-ଡେକର ବସରେ ହଠାତ୍ ନିଆଁ ଲାଗିଯାଇଥିଲା । ଦୁର୍ଘଟଣାଗ୍ରସ୍ତ ବସ୍ ଟି ୬୦ ରୁ ଅଧିକ ଯାତ୍ରୀଙ୍କୁ ନେଇଯାଉଥିଲା, ସେମାନଙ୍କ ମଧ୍ୟରୁ ଅନେକ ଜୀବନ ବଞ୍ଚାଇବା ପାଇଁ ବସ୍ ରୁ ଡେଇଁ ପଡ଼ିଥିଲେ । ମାଇଲଷ୍ଟୋନ୍ ୧୧୦ ନିକଟରେ ସମସ୍ତ ଯାତ୍ରୀ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଗଲେ ।

## ଟ୍ରେଡ୍ ନୁହେଁ, ଟ୍ରାପ୍ ଡିଲ୍: କଂଗ୍ରେସ




ନୂଆଦିଲ୍ଲୀ,୭।୨: ଆମେରିକା ସହ ବାଣିଜ୍ୟ ଚୁକ୍ତିନାମା, ପୂର୍ବତନ ସେନାମୁଖ୍ୟ ଏମ୍.ଏମ୍. ନରୱଣେଙ୍କ ଅପ୍ରକାଶିତ ପୁସ୍ତକର ବିବାଦୀୟ ପ୍ରସଙ୍ଗ ଏବଂ ବିରୋଧୀ ଦଳର ୮ ଏମ୍ପିଙ୍କ ନିଲମ୍ବନକୁ ବିରୋଧ କରି କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକର ଏମ୍ପିମାନେ ଶୁକ୍ରବାର ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସରେ ଜୋରଦାର ବିକ୍ଷୋଭ କରିଛନ୍ତି । ଲୋକ ସଭାକୁ ସୋମବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯିବା ପରେ ବିରୋଧୀ ଏମ୍ପିମାନେ ପାର୍ଲାମେଣ୍ଟର ମକର ଦ୍ୱାର ନିକଟରେ ଏକାଠି ହୋଇ ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ । ଏକଛତ୍ରବାଦ ଆଉ ଚଳିବ ନାହିଁ, ଗଣତନ୍ତ୍ରର ହତ୍ୟାକୁ ବନ୍ଦକର ଆଦି ସ୍ଲୋଗାନ ଦିଆଯାଇଥିଲା । ବିକ୍ଷୋଭରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ନିଲମ୍ବିତ ଏମ୍ପିଙ୍କ ସମେତ ଅନେକ ବିରୋଧୀ ଦଳ ସଦସ୍ୟ ସାମିଲ ହୋଇଥିଲେ । ଭାରତ-ଆମେରିକା ଟ୍ରେଡ୍ ଡିଲ୍‌କୁ ସେମାନେ ବ୍ୟାନରରେ 'ଟ୍ରାପ୍ ଡିଲ୍' ଲେଖିଥିଲେ ।

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ପୂର୍ବତନ ସେନାମୁଖ୍ୟ ନରୱଣେଙ୍କ ଅପ୍ରକାଶିତ ପୁସ୍ତକରେ ଉଲ୍ଲେଖ ଥିବା ୨୦୨୦ର ଭାରତ-ଚାଇନା ସଂଘର୍ଷ ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉତ୍ତରଦାୟୀ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ବିଫଳତା ପ୍ରସଙ୍ଗକୁ ନେଇ ଲଢ଼େଇ ଜାରି ରହିବ ବୋଲି ଲୋକ ସଭାରେ କଂଗ୍ରେସର ମୁଖ୍ୟ ହ୍ୱିପ୍ ତଥା ନିଲମ୍ବିତ ଏମ୍ପି ମନିକମ୍ ଟାଗୋର କହିଥିଲେ । ଅନ୍ୟ ଦେଶର ଚାପରେ ପ୍ରଧାନମନ୍ତ୍ରୀ ମୁଣ୍ଡ ନୁଆଁଇଛନ୍ତି ଓ ପାର୍ଲାମେଣ୍ଟକୁ ଆସିବା ପାଇଁ ଭୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ । ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ଦିଆ ନ ଯିବା ଏବଂ ବିଶୃଙ୍ଖଳିତ ଆଚରଣ ପାଇଁ ୮ ବିରୋଧୀ ଦଳ ଏମ୍ପିଙ୍କୁ ନିଲମ୍ବନ କରାଯିବା ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ସୋମବାରଠାରୁ କଂଗ୍ରେସ ସମେତ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିବାରୁ ଗୃହରେ ଅଚଳାବସ୍ଥା ଜାରି ରହିଛି । ପ୍ରଧାନମନ୍ତ୍ରୀଙ୍କ ଭାଷଣ ବିନା ଗୁରୁବାର ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିଲା ।

## ଆମେରିକାର 'ବେଆଇନ ବିଦେଶୀ' ତାଲିକାରେ ୮୯ ଭାରତୀୟ

ନୂଆଦିଲ୍ଲୀ : ବେଆଇନ ବିଦେଶୀ ଅପରାଧୀଙ୍କ ତାଲିକା ଶେୟାର କରିବା ପାଇଁ ଆମେରିକାର ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ପକ୍ଷରୁ 'ଆରେଷ୍ଟେଡ୍: ୱର୍ଷ୍ଟ ଅଫ୍ ୱର୍ଷ୍ଟ' ନାମରେ ଏକ ପବ୍ଲିକ୍ ଡାଟାବେସ୍ ଆରମ୍ଭ କରାଯାଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରଶାସନର ଆପ୍ରବାସନ ପ୍ରବର୍ତ୍ତନ ଅଭିଯାନରେ ଗିରଫ ହୋଇ ଦୋଷୀସାବ୍ୟସ୍ତ ହୋଇଥିବା ଅପରାଧୀମାନଙ୍କ ନାମ ଉକ୍ତ ତାଲିକାରେ ରହିଛି । ଆପ୍ରବାସନ ଏବଂ ସୀମାଶୁଳ୍କ ପ୍ରବର୍ତ୍ତନ (ଆଇସିଇ) ପକ୍ଷରୁ ୨୦୨୫ରେ ଆରମ୍ଭ ହୋଇଥିବା ଚଢ଼ାଉ ଅଭିଯାନରେ ଏପର୍ଯ୍ୟନ୍ତ ୨୫,୦୦୦ ଆପ୍ରବାସୀ ଗିରଫ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୮୯ ଜଣ ଭାରତୀୟ ରହିଛନ୍ତି । ଏହି ଡାଟାବେସ୍‌ରୁ ଆମେରିକୀୟମାନେ ଗିରଫ ହୋଇଥିବା ବିଦେଶୀ ଅପରାଧୀ, ସେମାନଙ୍କ ଅପରାଧ ଏବଂ ସମ୍ପ୍ରଦାୟ ସମ୍ପର୍କରେ ଜାଣିପାରିବେ । ତାଲିକାରେ ଥିବା ୮୯ ଭାରତୀୟଙ୍କ ମଧ୍ୟରୁ ଅନ୍ୟୁନ ୨୨ ଜଣ ଟିକସ ଫାଙ୍କି, ଚୋରି, ଆର୍ଥିକ ଜାଲିଆତି ଆଦି ଅପରାଧରେ ସମ୍ପୃକ୍ତ ଥିବାବେଳେ ୨୧ ଜଣ ଆକ୍ରମଣ, ଡକାୟତି ଆଦି ହିଂସାତ୍ମକ ଅପରାଧରେ ଦୋଷୀସାବ୍ୟସ୍ତ ହୋଇଛନ୍ତି । ୧୭ ଜଣ ଯୌନ ଅପରାଧରେ ଦୋଷୀ ହୋଇଥିବାବେଳେ ହିଟ୍ ଆଣ୍ଡ ରନ୍ ଘଟଣାରେ ଜଣେ ନରହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ହୋଇଛନ୍ତି ।

## ୨୫% ରୁଷିଆ ତେଲ ପେନାଲଟି ଶେଷ, ଆଜି ମଧ୍ୟରାତ୍ରିରୁ କାର୍ଯ୍ୟକାରୀ ହୋଇଛି ନୂଆ ନିୟମ



ନୂଆଦିଲ୍ଲୀ: ୨୫% ରୁଷିଆ ତେଲ ପେନାଲଟି ଶେଷ । ରୁଷିଆରୁ ଭାରତ ତେଲ କିଣିବା ଉପରେ ଲାଗୁ ୨୫% ପେନାଲଟି ହଟାଇଲେ ଟ୍ରମ୍ପ । ଏନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଛନ୍ତି । ଗତ ଅଗଷ୍ଟରୁ ଭାରତୀୟ ସାମଗ୍ରୀ ଉପରେ ଲାଗୁ ହୋଇଥିବା ୨୫% ଅତିରିକ୍ତ ଟାରିଫକୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦିଆଯାଇଛି । ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ହୋଇଥିବା ବାଣିଜ୍ୟିକ ବୁଝାମଣା ପରେ ଏହି ନିଷ୍ପତ୍ତି ନିଆଯାଇଛ । ପୂର୍ବରୁ କେତେକ ଭାରତୀୟ ସାମଗ୍ରୀ ଉପରେ ମୋଟ ୫୦% ପର୍ଯ୍ୟନ୍ତ ଟ୍ୟାକ୍ସ ଲାଗୁଥିଲା, ଯାହା ଏବେ କମି କେବଳ ୧୮% ହୋଇଯାଇଛି । ଏହି ନୂଆ ନିୟମ ଆଜି ମଧ୍ୟରାତ୍ରିରୁ କାର୍ଯ୍ୟକାରୀ ହୋଇଛି । ଭାରତ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରତିଶ୍ରୁତି ଦେବା ପରେ ଅତିରିକ୍ତ ଟ୍ୟାକ୍ସ ଛାଡ଼ କରାଯାଇଥିବା ଆମେରିକା ପକ୍ଷରୁ କୁହାଯାଇଛି । ଭାରତ ଏବେ ରୁଷିଆଠାରୁ ତେଲ କିଣିବା ବନ୍ଦ କରିବାକୁ ସହମତ ହୋଇଛି । ଆଗାମୀ ୫ ବର୍ଷ ମଧ୍ୟରେ ଭାରତ ଆମେରିକାଠାରୁ ପ୍ରାୟ ୫୦୦ ବିଲିୟନ ଡଲାରର ତେଲ, ଗ୍ୟାସ ଏବଂ ଯୁଦ୍ଧବିମାନ କିଣିବ । ଆମେରିକାର ଚାଷୀ ଏବଂ କମ୍ପାନୀମାନେ ଯେପରି ଭାରତରେ ବିନା କୌଣସି ଟ୍ୟାକ୍ସରେ ନିଜ ସାମଗ୍ରୀ ବିକ୍ରି କରିପାରିବେ, ସେଥିପାଇଁ ଭାରତ ସହଯୋଗ କରିବ । ଯଦି ଭାରତ ପୁଣି ରୁଷିଆଠାରୁ ତେଲ କିଣେ, ତେବେ ଆମେରିକା ଏହି ଟ୍ୟାକ୍ସକୁ ପୁନଃ ଲଗାଇ ପାରେ । ପ୍ରଧାନମନ୍ତ୍ରୀ ମୋଦି ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ତେବେ ରୁଷିଆରୁ ତେଲ ଆମଦାନୀ ସମ୍ପୂର୍ଣ୍ଣ ବନ୍ଦ ହେବା ନେଇ ଭାରତୀୟ ଅଧିକାରୀମାନେ ସ୍ପଷ୍ଟ ଭାବେ କିଛି କହିନାହାନ୍ତି ।

## ତୁରନ୍ତ ଇରାନ ଛାଡ଼ିବାକୁ ନିଜ ନାଗରିକଙ୍କୁ କହିଲା ଆମେରିକା



ୱାସିଂଟନ: ଇରାନରେ ଥିବା ଭର୍ଚୁଆଲ୍ ଆମେରିକା ଦୂତାବାସ ଶୁକ୍ରବାର ଏହାର ନାଗରିକମାନଙ୍କୁ 'ତୁରନ୍ତ ଇରାନ ଛାଡିବାକୁ' ଚେତାବନୀ ଦେଇଛି । ଆଡଭାଇଜରିରେ କୁହାଯାଇଛି ଯେ, ସୁରକ୍ଷା ବ୍ୟବସ୍ଥା ବୃଦ୍ଧି, ରାସ୍ତା ବନ୍ଦ, ପରିବହନ ବ୍ୟାଘାତ ଓ ଇଣ୍ଟରନେଟ୍ ଅବରୋଧ ଜାରି ରହିଛି । ଇରାନ ସରକାର ମୋବାଇଲ୍, ଲ୍ୟାଣ୍ଡଲାଇନ୍ ଓ ଜାତୀୟ ଇଣ୍ଟର୍ରନେଟ୍ ନେଟୱାର୍କ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ଇରାନକୁ ଓ ଇରାନରୁ ବିମାନ ଉଡ଼ାଣକୁ ସୀମିତ କିମ୍ବା ବାତିଲ କରାଯାଇଛି । ତେଣୁ ନିଜର ସୁରକ୍ଷା ଦୃଷ୍ଟିରୁ ଏହାର ନାଗରିକମାନେ ତୁରନ୍ତ ଦେଶ ଛାଡ଼ିଦେବା ଉଚିତ । ସେମାନେ ଇରାନ ଛାଡି ଆର୍ମେନିଆ କିମ୍ବା ତୁର୍କୀକୁ ସ୍ଥଳ ପଥରେ ଯିବାକୁ ବିଚାର କରିବା ଉଚିତ । ବର୍ତ୍ତମାନ ହିଁ ଇରାନ ଛାଡନ୍ତୁ ବୋଲି ଆମେରିକା ଦୂତାବାସ ପକ୍ଷରୁ କୁହାଯାଇଛି । ଆଡଭାଇଜରିରେ ଆହୁରି କୁହାଯାଇଛି ଯେ, ଆମେରିକା-ଇରାନର ଦ୍ୱୈତ ନାଗରିକମାନେ ମଧ୍ୟ ଇରାନ ଛାଡିବା ଆବଶ୍ୟକ । ଇରାନ ସରକାର ଦ୍ୱୈତ ନାଗରିକତାକୁ ସ୍ୱୀକୃତି ଦିଅନ୍ତି ନାହିଁ ଏବଂ ଆମେରିକା-ଇରାନର ଦ୍ୱୈତ ନାଗରିକଙ୍କୁ କେବଳ ଇରାନର ନାଗରିକ ଭାବରେ ବ୍ୟବହାର କରିବେ । ଆମେରିକାର ନାଗରିକମାନେ ଇରାନରେ ପଚରାଉଚରା, ଗିରଫଦାରୀ ଓ ଅଟକ ରହିବାର ଯଥେଷ୍ଟ ବିପଦରେ ଅଛନ୍ତି । ଆମେରିକାର ପାସପୋର୍ଟ ଦେଖାଇବା କିମ୍ବା ଆମେରିକା ସହିତ ସମ୍ପର୍କ ପ୍ରଦର୍ଶନ କରିବା ଇରାନ କର୍ତ୍ତୃପକ୍ଷଙ୍କ ପାଇଁ କାହାକୁ ଅଟକ ରଖିବା ପାଇଁ ଯଥେଷ୍ଟ କାରଣ ହୋଇପାରେ ବୋଲି ଚେତାବନୀ ଦିଆଯାଇଛି ।

## ଲିଭ ଇନ ରିଲେସନସିପକୁ ନେଇ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣି ଦେଲେ ସୁପ୍ରିମକୋର୍ଟ: ବ୍ରେକଅପ ପରେ ବଳାତ୍କାର ଅଭିଯୋଗ...

ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ଗୁରୁବାର (ଫେବୃଆରୀ ୫, ୨୦୨୬) ଦିନ ଏକ ମାମଲାରେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣି କରିଛନ୍ତି, ଯେଉଁଥିରେ କୁହାଯାଇଛି ଯେ ସମ୍ପର୍କ ଖରାପ ହେବା କିମ୍ବା ଭାଙ୍ଗିବା ପରେ ଏହାକୁ ପ୍ରାୟତଃ ଅପରାଧୀକ ରଙ୍ଗ ଦିଆଯାଇଥାଏ । ବଳାତ୍କାରର ଅଭିଯୁକ୍ତ ଜଣେ ପୁରୁଷଙ୍କ ସହ ଜଡିତ ଏକ ମାମଲାରେ କୋର୍ଟ ଏହି କଥା କହିଛନ୍ତି । ଲାଇଭ ଲ' ରିପୋର୍ଟ ଅନୁଯାୟୀ, ସୁପ୍ରିମକୋର୍ଟ ବଳାତ୍କାର ଅଭିଯୋଗରେ ପୁରୁଷଙ୍କ ବିରୁଦ୍ଧରେ ଦାୟର ଏଫଆଇଆରକୁ ରଦ୍ଦ କରିଛନ୍ତି । ଏଫଆଇଆରରେ ଅଭିଯୋଗ କରାଯାଇଛି ଯେ ପୁରୁଷ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ସମ୍ପର୍କରେ ରହିଥିଲେ । କୋର୍ଟ କହିଛନ୍ତି ଯେ ତଥ୍ୟଗୁଡ଼ିକ ସ୍ପଷ୍ଟ ଭାବରେ ସୂଚିତ କରୁଛି ଯେ ଏହା ଏକ ସହମତିପୂର୍ଣ୍ଣ ସମ୍ପର୍କର ମାମଲା ଥିଲା ଯାହା ପରେ ତିକ୍ତ ହୋଇଗଲା । ବିଚାରପତି ବି.ଭି. ନାଗରତ୍ନା ଏବଂ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି ଯେ ଉଭୟ ପକ୍ଷଙ୍କ ସଂଯମତା ଅବଲମ୍ବନ କରିବା ଏବଂ ସେମାନଙ୍କ ବ୍ୟକ୍ତିଗତ ସମ୍ପର୍କ ଖରାପ ହେବା ସମୟରେ ରାଜ୍ୟକୁ ସମ୍ପୃକ୍ତ କରିବା ଏଡାଇବା ଉଚିତ ଥିଲା । ସୁପ୍ରିମକୋର୍ଟ ଏହାର ପୂର୍ବ କିଛି ରାୟକୁ ଉଦ୍ଧୃତ କରିଛନ୍ତି, ଯେଉଁଥିରେ ସମ୍ପର୍କ ଖରାପ ହେବା କିମ୍ବା ଭାଙ୍ଗିବା ପରେ ଅପରାଧୀ କରିବାର ବିଚଳିତକାରୀ ଧାରା ଉଲ୍ଲେଖ କରାଯାଇଛି । ସୁପ୍ରିମକୋର୍ଟ ଗତ ବର୍ଷ ମାର୍ଚ୍ଚରେ ଛତିଶଗଡ଼ ହାଇକୋର୍ଟର ଏକ ଆଦେଶକୁ ଚ୍ୟାଲେଞ୍ଜ କରି ଏକ ଆବେଦନ ଉପରେ ତାଙ୍କର ରାୟ ଶୁଣାଇଛନ୍ତି, ଯାହା ଫେବୃଆରୀ ୨୦୨୫ରେ ବିଳାସପୁର ଜିଲାରେ ଦାୟର ହୋଇଥିବା ଏକ ଏଫଆଇଆରରୁ ଆରମ୍ଭ ହୋଇଥିବା କାର୍ଯ୍ୟଧାରା ବାତିଲ କରିବାକୁ ମନା କରିଦେଇଥିଲା । କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଏହି ମାମଲାରେ ଅଭିଯୋଗକାରୀ ଏବଂ ଅଭିଯୁକ୍ତ ଉଭୟ ଓକିଲ, ଏବଂ ଅଭିଯୋଗକାରୀ ଜଣେ ୩୩ ବର୍ଷୀୟା ବିବାହିତ ମହିଳା ଏବଂ ଏକ ଶିଶୁର ମାଆ ।

## ନିଖୋଜ ଝିଅଙ୍କ ସଂଖ୍ୟା ବୃଦ୍ଧିକୁ ଅସ୍ୱୀକାର କଲା ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ: ଦିଲ୍ଲୀ ପୁଲିସ ଗୁରୁବାର ଜାତୀୟ ରାଜଧାନୀରେ ଝିଅମାନଙ୍କ ନିଖୋଜ ମାମଲା ବୃଦ୍ଧି ପାଉଥିବା ଖବରକୁ ପ୍ରତ୍ୟାଖ୍ୟାନ କରି ଏହି ଦାବିକୁ ବିଭ୍ରାନ୍ତିକର ଏବଂ ଆତଙ୍କ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପେଡ୍ ଅନଲାଇନ୍ ପ୍ରମୋସନ୍ ଦ୍ୱାରା ପରିଚାଳିତ ବୋଲି କହିଛି । ଏକ ବିବୃତିରେ ପୁଲିସ କହିଛି ଯେ, ସେମାନେ ଭାଇରାଲ୍ ଦାବିର ଉତ୍ପତ୍ତିକୁ ଟ୍ରାକ୍ କରିଛନ୍ତି ଏବଂ ଜାଣିବାକୁ ପାଇଛନ୍ତି ଯେ, ନିଖୋଜ ଝିଅମାନଙ୍କ ସଂଖ୍ୟା ବୃଦ୍ଧି ଦାବି ଏକ ପ୍ରାୟୋଜିତ ପୋଷ୍ଟ ଥିଲା । ଆର୍ଥିକ ଲାଭ ପାଇଁ ଆତଙ୍କ ସୃଷ୍ଟି କରିବାକୁ ବରଦାସ୍ତ କରାଯିବ ନାହିଁ ଏବଂ ଆମେ ଏହିପରି ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ଦିଲ୍ଲୀ ପୁଲିସ ଏକ୍ସରେ ଏକ ପୋଷ୍ଟରେ କହିଛି । ଦିଲ୍ଲୀ ପୁଲିସର ତଥ୍ୟକୁ ଦର୍ଶାଇ ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଥିଲା ଯେ, ଜାନୁଆରି ୧ରୁ ୧୫, ୨୦୨୬ ମଧ୍ୟରେ ସହରରେ ୮୦୭ ଜଣ ନିଖୋଜ ହୋଇଛନ୍ତି, ଯାହା ଦିନକୁ ହାରାହାରି ୫୪ ମାମଲା । ସେମାନଙ୍କ ମଧ୍ୟରୁ ୫୦୯ ଜଣ ମହିଳା ଓ ବାଳିକା ଏବଂ ୨୯୮ ଜଣ ପୁରୁଷ ଥିଲେ । ତଥ୍ୟରେ ଏହା ମଧ୍ୟ ଦର୍ଶାଯାଇଛି ଯେ, ନିଖୋଜ ବ୍ୟକ୍ତିଙ୍କ ମଧ୍ୟରୁ ୧୯୧ ଜଣ ନାବାଳକ ଥିବା ବେଳେ ୬୧୬ ଜଣ ବୟସ୍କ ଥିଲେ । ପୁଲିସ ଯୁଗ୍ମ କମିସନର ସଞ୍ଜୟ ତ୍ୟାଗୀ କହିଛନ୍ତି ଯେ, ବାସ୍ତବରେ ଜାନୁଆରି ୨୦୨୬ରେ ନିଖୋଜ ମାମଲାରେ ହ୍ରାସ ଘଟିଛି, ଯାହା ଦାବିର ବିପରୀତ । ଦିଲ୍ଲୀ ପୁଲିସର ସ୍ପଷ୍ଟୀକରଣ ପରେ ବିଜେପି କହିଛି ଯେ, ଏକ ହିନ୍ଦୀ ଚଳଚ୍ଚିତ୍ରର ପ୍ରମୋସନ ପାଇଁ ଏକ ପେଡ୍ କ୍ୟାମ୍ପେନ୍ ମାଧ୍ୟମରେ 'ଦିଲ୍ଲୀରୁ ଏତେ ସଂଖ୍ୟକ ପିଲା ନିଖୋଜ ହୋଇଯାଇଛନ୍ତି' ବୋଲି ଦାବି କରାଯାଉଛି । ଦିଲ୍ଲୀ ପୁଲିସ ନିଶ୍ଚିତ ଭାବରେ ଏହାର ଯୁକ୍ତିଯୁକ୍ତ ସିଦ୍ଧାନ୍ତ ପର୍ଯ୍ୟନ୍ତ ଅନୁସରଣ କରିବ ବୋଲି ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଳବ୍ୟ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି । ଅନେକ ସୋସିଆଲ ମିଡିଆ ବ୍ୟବହାରକାରୀ ଅମିତ ମାଳବ୍ୟଙ୍କ 'ହିନ୍ଦୀ ଫିଲ୍ମ'ର ସନ୍ଦର୍ଭକୁ ରାଣୀ ମୁଖାର୍ଜୀଙ୍କ ଅଭିନୀତ ଫିଲ୍ମ 'ମର୍ଦାନୀ ୩' ସହିତ ଯୋଡ଼ିଛନ୍ତି । ଅନ୍ୟପକ୍ଷରେ ଆମ୍ ଆଦମୀ ପାର୍ଟି (ଆପ୍) ବିଜେପି ନେତୃତ୍ୱାଧୀନ ଦିଲ୍ଲୀ ସରକାରଙ୍କୁ ସମାଲୋଚନା କରି କହିଛି ଯେ, ଏହା ସହରକୁ ଲାପଟାଗଞ୍ଜ (ନିଖୋଜ ଲୋକଙ୍କ ସହର)ରେ ପରିଣତ କରିଛି । ପୁଲିସ ବାସିନ୍ଦାଙ୍କୁ ଶାନ୍ତ କିନ୍ତୁ ସଜାଗ ରହିବାକୁ ଏବଂ ଯାଞ୍ଚ ହୋଇ ନ ଥିବା ସୋସିଆଲ ମିଡିଆ ପୋଷ୍ଟ ଉପରେ ନିର୍ଭର ନ କରିବାକୁ ଅନୁରୋଧ କରିଛି । ଭୁଲ ତଥ୍ୟ ପ୍ରଚାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।




## ଇସ୍‌ଲାମାବାଦରେ ହାଇ ଆଲର୍ଟ: ଆତ୍ମଘାତୀ ବିସ୍ଫୋରଣ, ୫୦ ମୃତ



ଇସ୍‌ଲାମାବାଦ:ପାକିସ୍ତାନର ରାଜଧାନୀ ଇସ୍‌ଲାମାବାଦ ଆଜି ଏକ ଭୟଙ୍କର ଆତ୍ମଘାତୀ ବିସ୍ଫୋରଣରେ ଥରି ଉଠିଛି । ଶୁକ୍ରବାରର ସାମୂହିକ ନମାଜ ସମୟରେ ତରଲାଇ ଅଞ୍ଚଳରେ ଥିବା ସିଆ ମସ୍‌ଜିଦ୍‌ର ମୁଖ୍ୟ ଦ୍ୱାରରେ ଭୟାନକ ବିସ୍ଫୋରଣ ହୋଇଥିଲା । ଏଥିରେ ୫୦ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୧୬୯ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ପୁଲିସ ଓ ଉଦ୍ଧାର ଅଭିଯାନ ଅଧିକାରୀଙ୍କ ଅନୁଯାୟୀ, ଆତ୍ମଘାତୀ ଆକ୍ରମଣକାରୀକୁ ସୁରକ୍ଷା କର୍ମଚାରୀମାନେ ମୁଖ୍ୟ ଦ୍ୱାରରେ ଅଟକାଇବା ସମୟରେ ସେ ବିସ୍ଫୋରଣ ଘଟାଇଥିଲା ।

ବିସ୍ଫୋରଣର ଶକ୍ତି ଏତେ ପ୍ରବଳ ଥିଲା ଯେ ମସ୍‌ଜିଦର କେତେକ ଅଂଶ ଭୁଶୁଡ଼ି ପଡ଼ିଥିଲା । ଧ୍ୱଂସାବଶେଷ ତଳେ ଅନେକ ଲୋକ ଫସିଯାଇଥିଲେ । ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି, 'ନମାଜ ଚାଲିଥିବା ସମୟରେ ହଠାତ୍ ପ୍ରଚଣ୍ଡ ବିସ୍ଫୋରଣ ହେଲା । ଧୂଆଁ ଓ ଧୂଳିରେ ସବୁ ଅନ୍ଧାର ହୋଇଗଲା । ଲୋକମାନେ ଚିତ୍କାର କରି ଦୌଡୁଥିଲେ । ଉଦ୍ଧାରକାରୀ ଦଳ ପହଞ୍ଚି ଧ୍ୱଂସାବଶେଷରୁ ଲୋକଙ୍କୁ ଉଦ୍ଧାର କରିଥିଲେ ଏବଂ ପ୍ରାଥମିକ ଚିକିତ୍ସା ଯୋଗାଇଥିଲେ ।' ପାକିସ୍ତାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (ପିଆଇଏମ୍‌ଏସ୍) ସମେତ ନିକଟବର୍ତ୍ତୀ ହସ୍ପିଟାଲଗୁଡ଼ିକରେ ଜରୁରୀକାଳୀନ ଅବସ୍ଥା ଘୋଷଣା କରାଯାଇଛି । ଅଧିକାରୀମାନେ ନାଗରିକମାନଙ୍କୁ ବିସ୍ଫୋରଣ ସ୍ଥଳରେ ଭିଡ଼ ନକରି ରକ୍ତଦାନ କରିବାକୁ ଅନୁରୋଧ କରିଛନ୍ତି । ପୁଲିସ ଏହାକୁ ସିଆ ସମୁଦାୟ ଉପରେ ଏକ ଟାର୍ଗେଟ୍ ଆକ୍ରମଣ ବୋଲି ବର୍ଣ୍ଣନା କରିଛି । ପ୍ରାରମ୍ଭିକ ତଦନ୍ତରେ ଜଣାପଡ଼ିଛି ଯେ ଆକ୍ରମଣକାରୀ ଜଣେ ବିଦେଶୀ ନାଗରିକ ଏବଂ ସେ ତେହରିକ-ଏ-ତାଲିବାନ ପାକିସ୍ତାନ(ଟିଟିପି)ର ସଦସ୍ୟ । ତେବେ ଏପର୍ଯ୍ୟନ୍ତ କୌଣସି ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହିଁ । ଆତଙ୍କବାଦ ବିରୋଧୀ ସ୍କ୍ୱାଡ୍ ଏବଂ ଗୁଇନ୍ଦା ଏଜେନ୍ସିଗୁଡ଼ିକ ତଦନ୍ତ ଜାରି ରଖିଛନ୍ତି ଏବଂ ଫରେନସିକ୍ ଟିମ୍ ଘଟଣାସ୍ଥଳରେ ପ୍ରମାଣ ସଂଗ୍ରହ କରିଛନ୍ତି । ଏହି ଘଟଣା ରାଜଧାନୀରେ ସାମ୍ପ୍ରତିକ ଆତଙ୍କବାଦୀ ଘଟଣାର ଏକ ଧାରାବାହିକ ଅଂଶ । କିଛି ମାସ ପୂର୍ବେ ଏକ ଜିଲ୍ଲାକୋର୍ଟ ବାହାରେ ହୋଇଥିବା ଆତ୍ମଘାତୀ ଧମାକାରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିଲା । ଆଜିର ଆକ୍ରମଣ ପରେ ଇସ୍‌ଲାମାବାଦରେ ସର୍ବାଧିକ ସତର୍କତା ଜାରି କରାଯାଇଛି । ଧାର୍ମିକ ସ୍ଥଳ, ସର୍ବସାଧାରଣ ସ୍ଥାନ ଓ ସମ୍ବେଦନଶୀଳ ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ସୁରକ୍ଷା ବୃଦ୍ଧି କରାଯାଇଛି । ସିଆ ସଂପ୍ରଦାୟର ନେତାମାନେ ଏହି ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି ଏବଂ ଏହାକୁ ଭୟ ଓ ବିଭାଜନ ସୃଷ୍ଟି କରିବାର ଏକ ପ୍ରୟାସ ବୋଲି କହିଛନ୍ତି ।

# ହେଟମେୟରଙ୍କ ବିସ୍ଫୋରଣ : ଇଣ୍ଡିଜ ଠାରୁ ହାରିଲା ସ୍କଟଲ୍ୟାଣ୍ଡ



**କୋଲକତା,୭।୨:** ବିଜୟରୁ ନିଜର ଟି-୨୦ ବିଶ୍ୱକପ ଅଭିଯାନ ଆରମ୍ଭ କରିଛି ଓ୍ୱେଷ୍ଟଇଣ୍ଡିଜ। କୋଲାକତାର ଇଡେନ ଗାର୍ଡେନ୍ସରେ ଦଳ ସ୍କଟଲ୍ୟାଣ୍ଡକୁ ୩୫ ରନରେ ପରାସ୍ତ କରି ଦେଇଛି। ବାଂଲାଦେଶ ବଦଳରେ ସ୍କଟଲ୍ୟାଣ୍ଡ ଚଳିତ ଟି-୨୦ ବିଶ୍ୱକପରେ ସ୍ଥାନ ପାଇଛି। ହେଲେ ଦଳକୁ ପରାଜୟରୁ ନିଜର ଅଭିଯାନ ଆରମ୍ଭ କରିଛି। ଇଣ୍ଡିଜ ଟିମର ଏହି ୩୫ ରନ ବିଜୟରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି ମଧ୍ୟକ୍ରମର ଦୁର୍ଦ୍ଧର୍ଷ ବ୍ୟାଟର ଶିମରନ ହେଟମେୟର ଓ ଅଲରାଉଣ୍ଡର ରୋମାରିଓ ଶେଫର୍ଡ। ବ୍ୟାଟିଂରେ ହେଟମେୟର ୩୬ ବଲରେ ବିସ୍ଫୋରକ ୬୪ ରନର ଇନିଂସ ଖେଳିଥିଲେ। ବୋଲିଂରେ କମାଲ କରିଛନ୍ତି ଶେଫର୍ଡ। ସେ ଚଳିତ ଟି-୨୦ ବିଶ୍ୱକର ଅର୍ଜନ କରିଛନ୍ତି ପ୍ରଥମ ହ୍ୟାଟ୍ରିକ। ୧୭ତମ ଓଭର ବୋଲିଂ କରୁଥିବା ଶେଫର୍ଡ ଦ୍ୱିତୀୟ, ତୃତୀୟ ଓ ୪ର୍ଥ ବଲରେ ହାସଲ କରିଛନ୍ତି ହ୍ୟାଟ୍ରିକ। ସେହିପରି ଶେଷ ବଲରେ ବି ତାଙ୍କୁ ଓ୍ୱିକେଟ ମିଳିଛି। ସେ ଗୋଟିଏ ଓଭରରେ ୪ ଓ୍ୱିକେଟ ନେବା ସହ କେବଳ ୧ ରନ ଖର୍ଚ୍ଚ କରିଛନ୍ତି। ଶେଫର୍ଡ ପ୍ରଥମେ ୧୧ ରନ କରିଥିବା ମାଥ୍ୟୁ କ୍ରସଙ୍କୁ ଆଉଟ କରିଥିଲେ। ଏହାପରେ ମାଇକେଲ ଲିସ୍କ ଓ ପରବର୍ତ୍ତୀ ବଲରେ ଓଲିଭର ଡାଭିସନଙ୍କୁ ଆଉଟ କରି ହ୍ୟାଟ୍ରିକ ନେଇଥିଲେ। ଗୋଟିଏ ବଲ ପରେ ଓସାଫୟାନ ଶରିଫଙ୍କ ଓ୍ୱିକେଟ ମଧ୍ୟ ତାଙ୍କ ଶିକାର ବନିଥିଲେ।

ଟସ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଓ୍ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୨୦ ଓଭରରେ ୫ ଓ୍ୱିକେଟ ହରାଇ ୧୮୨ ରନ କରିଥିଲା। ହେଟମେୟରଙ୍କ ବ୍ୟତୀତ ବ୍ରାଣ୍ଡନ କିଙ୍ଗ ୩୫, ଅଧିନାୟକ ସାଇ ହୋପ ୧୯, ରୋଭମନ ପାଓ୍ୱେଲ ୧୪ ବଲରେ ୨୪, ଶେର୍ଫନ ରଥରଫୋର୍ଡ ୧୩ ୨୬ ରନର ଇନିଂସ ଖେଳିଥିଲେ। ୧୮୩ ରନର ପିଛା କରୁଥିବା ସ୍କଟଲ୍ୟାଣ୍ଡ ଆରମ୍ଭରୁ ହିଁ ଝୁଣ୍ଟିଥିଲା। ବଡ଼ ଶଟ ଖେଳିବା ଲୋଭରେ ମାଇକେଲ ଜୋନ୍ସ କେବଳ ୧ ରନ କରି ଜାସନ ହୋଲ୍ଡରଙ୍କ ବଲରେ ଆଉଟ ହୋଇଥିଲେ। ବ୍ରାଣ୍ଡନ ମ୍ୟାକମୁଲେନ ୧୪ ଓ ଜର୍ଜ ମୁନସୀ କେବଳ ୧୯ ରନ କରିବାକୁ ସକ୍ଷମ ହୋଇଥିଲେ। ମଧ୍ୟକ୍ରମରେ ଅଧିନାୟକ ରିଚି ବେରିଙ୍ଗଟୋନ(୪୫) ଓ ଟମ ବ୍ରୁସ(୩୫) ଲଢ଼େଇ କରିବାରୁ ସ୍କଟଲ୍ୟାଣ୍ଡ ନିଜକୁ ରନ ଚେଜରେ ବଜାୟୀ ରଖିଥିଲା। ହେଲେ ଉଭୟ ଆଉଟ ହେବା ପରେ ସ୍କଟଲ୍ୟାଣ୍ଡର ବ୍ୟାଟିଂ ଲାଇନ ଅପ ତାସର ଘର ଭଳି ଭୁଶୁଡ଼ି ପଡ଼ିଥିଲା।

# ଏସୀୟ ସୁଟିଂ: ସ୍ୱର୍ଣ୍ଣ ଜିତିଲେ ଏଲାଭେନିଲ୍



**ନୂଆଦିଲ୍ଲୀ,୭।୨:** ନୂଆଦିଲ୍ଲୀର ଡ. କର୍ଣ୍ଣି ସିଂ ସୁଟିଂ ରେଞ୍ଜରେ ଚାଲିଥିବା ଏସୀୟ ସୁଟିଂ ଚାମ୍ପିୟନସିପରେ ଏଲାଭେନିଲ୍ ବାଲାରିବାନ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୦ ମିଟର ଏୟାର୍ ରାଇଫଲ୍ ବର୍ଗରେ ୨୫୨ ଅଙ୍କ ହାସଲ କରି ସେ ଏହି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଜାପାନର ମିସାକି ନୋବାଟା ୨୫୧.୫ ଅଙ୍କ ସହ ରୌପ୍ୟ ପଦକ ପାଇଥିବାବେଳେ ଭାରତର ମେଘନା ସଜ୍ଜନାର ୨୨୯.୫ ଅଙ୍କ ସହ କାଂସ୍ୟ ପଦକ ପାଇଛନ୍ତି। ଭାରତର ଆର୍ଯ୍ୟା ବୋରସେ ୨୦୯ ପଏଣ୍ଟ ସହ ୪ର୍ଥ ସ୍ଥାନରେ ରହିଛନ୍ତି। ଏସୀ। ସୁଟିଂରେ ଏହା ହେଉଛି ଏଲାଭେନିଲ୍‌ଙ୍କ ତୃତୀୟ ଟାଇଟେଲ। ୨୦୨୫ରେ କାଜାକସ୍ଥାନରେ ଅନୁଷ୍ଠିତ ଏସୀୟ ସୁଟିଂ ଚାମ୍ପିୟନସିପରେ ମଧ୍ୟ ଏଲାଭେନି ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୧୯ରେ କତରର ଦୋହାରେ ଅନୁଷ୍ଠିତ ଏସୀୟ ସୁଟିଂରେ ଏଲାଭେନି ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ ଜିତିଥିଲେ। ଭାରତର ଏଲାଭେନିଲ୍, ମେଘନା ଓ ଆର୍ଯ୍ୟା ଦଳଗତଭାବେ ୧୮୯୨.୬ ଅଙ୍କ ହାସଲ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆଜିର ବିଜୟ ସହ ଚଳିତ ପ୍ରତିଯୋଗିତାରେ ଭାରତର ମୋଟ ପଦକ ସଂଖ୍ୟା ୧୧ରେ ପହଞ୍ଚିଛି। ଏଥିରେ ୬ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ଅନ୍ତର୍ଭୁକ୍ତ।

# ରଙ୍ଗାରଙ୍ଗ ଉଦଘାଟନୀରେ ଟି-୨୦ ବିଶ୍ୱକପ୍ ଆରମ୍ଭ



**ମୁମ୍ବାଇ,୭।୨:** ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଶନିବାର ସନ୍ଧ୍ୟାରେ ଓ୍ୱାଙ୍ଖେଡେ ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉଦ୍ଘାଟନୀ ଉତ୍ସବ ସହ ଆରମ୍ଭ ହୋଇଛି। ଭାରତ ଓ ଆମେରିକା ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ପୂର୍ବରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱକପ୍ ଟ୍ରଫି ସହ ଜେଟ୍ପ୍ୟାକ୍ ପର୍ଫର୍ମର ଷ୍ଟାଡିୟମରେ ପ୍ରବେଶ ଅନ୍ୟତମ ହାଇଲାଇଟ୍ ଥିଲା। ଏହି କାର୍ଯ୍ୟକ୍ରମ ପ୍ରସିଦ୍ଧ ତବଲା ବାଦକ ଶିବମନି ଓ ସିତାର ବାଦକ ରିଶବ ଶର୍ମାଙ୍କ ପରଫର୍ମାନ୍ସ ସହ ଆରମ୍ଭ ହୋଇଥିଲା। ଏଥିରେ ବଲିଉଡ୍ ଅଭିନେତ୍ରୀ ତଥା ଡ୍ୟାନ୍ସର ନୋରା ଫତେଇ ଓ ର୍‍ୟାପର ବାଦ୍‌ଶା ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଏହି ଉତ୍ସବରେ ଆଇସିସି ଚେୟାରମ୍ୟାନ ଜୟ ଶାହା, ପୂର୍ବତନ ଭାରତୀୟ ଅଧିନାୟକ ତଥା ଚଳିତ ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ରୋହିତ ଶର୍ମା ଟୁର୍ନାମେଣ୍ଟ ଆରମ୍ଭ କରିଥିଲେ।

# ଭାଙ୍ଗିଲା ପାକିସ୍ତାନର ତୋଡ଼୍, ଭାରତ ସହ ଖେଳିପାରେ ମ୍ୟାଚ୍ !

**କରାଚୀ,୭।୨:** ଆଇସିସିକୁ ତୋଡ଼ ଦେଖାଉଥିବା ପାକିସ୍ତାନର ସବୁ ଗର୍ବ ଏବେ ଭାଙ୍ଗି ଚୂରମାର ହୋଇ ଯାଇଛି। ଟି-୨୦ ବିଶ୍ୱକପରେ ଭାରତ ବିପକ୍ଷ ମ୍ୟାଚକୁ ବୟକଟ କରିବା ପଛରେ 'ଅପ୍ରତ୍ୟାଶିତ ଘଟଣା' କ୍ଲଜ ବ୍ୟବହାର କରିବା ପରେ ଆକ୍ସନ ମୋଡକୁ ଆସିଛି ଆଇସିସି। ପାକିସ୍ତାନ କ୍ରିକେଟ ବୋର୍ଡକୁ ଆଇସିସି ଅପ୍ରତ୍ୟାଶିତ କ୍ଲଜର କାରଣ ପଚାରିବା ସହ କଟକଣା ଲଗାଇବାର ଧମକ ଦେଇଛି। ଆଇସିସିର କଟକଣା ଚେତାବନୀ ପରେ ପିସିବି ସ୍ୱରକୁ ନରମ କରିଛି। ଏଥିସହ ଆଇସିସି ସହ ଆଲୋଚନା କରିବାକୁ ଆଗେଇ ଆସିଥିବା ଜଣାପଡ଼ିଛି।

ଫେବୃଆରୀ ୧୫ ତାରିଖରେ ଭାରତ ବିପକ୍ଷରେ ମ୍ୟାଚ୍ ନ ଖେଳିବାକୁ ପାକିସ୍ତାନ ସରକାର ନେଇଥିବା ନିଷ୍ପତ୍ତି ସମ୍ପର୍କରେ ପିସିବି ବିଧିବଦ୍ଧ ଭାବେ ଆଇସିସିକୁ ଅବଗତ କରାଇଛି। ଭାରତ ବିପକ୍ଷରେ ନ ଖେଳିବା ପାଇଁ ପିସିବି ଦେଇଥିବା କାରଣକୁ ଆଇସିସି ଗ୍ରହଣ କରିନାହିଁ। ଏଥିସହ ପିସିବିକୁ ଆଇସିସି ଜବାବ ତଲବ କରିବା ପରେ ଦୁଇ ପକ୍ଷ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ପାକିସ୍ତାନ କଟକଣା ଭୟରେ ନିଜ ଆଭିମୁଖ୍ୟକୁ ବଦଳାଇବାର ସଙ୍କେତ ବି ଦେଇଛି।



ଏହି ପ୍ରସଙ୍ଗ ସହ ଜଡ଼ିତ ସୂତ୍ରରେ କୁହାଯାଇଛି ଯେ ପୂର୍ବରୁ ଆଇସିସି ଯେଉଁଭଳି ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକୁ ସମାଧାନ କରିଥିଲା, ଏବେ ସେହି ଆଧାରରେ ଏହାକୁ ମଧ୍ୟ ବିଚାର କରୁଛି। ଟି-୨୦ ବିଶ୍ୱକପର ଅପବିତ୍ରତାକୁ ଅକ୍ଷୁର୍ଣ୍ଣ ରଖିବା ସହ ଖେଳାଳିଙ୍କ କଲ୍ୟାଣ, ଫ୍ୟାନ୍ସଙ୍କ ସ୍ୱାର୍ଥ ଓ ସାଂଗଠନିକ ନରପେକ୍ଷତାକୁ ଦୃଷ୍ଟିରେ ରଖି ଆଇସିସି ପଦକ୍ଷେପ ନେଉଛି।

ପାକିସ୍ତାନ ସରକାର ପ୍ରଥମେ ସୋଶାଲ ମିଡିଆରେ ଘୋଷଣା କରିଥିଲେ ଯେ ଭାରତ ବିପକ୍ଷ ମ୍ୟାଚରେ ପାକିସ୍ତାନ କ୍ରିକେଟ ଟିମ ପଡ଼ିଆକୁ ଓହ୍ଲାଇବ ନାହିଁ। ଏହାପରେ ପିସିବି ପକ୍ଷରୁ ଅପ୍ରତ୍ୟାଶିତ ଘଟଣା କ୍ଲଜକୁ ବ୍ୟବହାର କରି ଭାରତ ବିପକ୍ଷ ମ୍ୟାଚ୍ ଖେଳିବ ନାହିଁ ବୋଲି ଆଇସିସିକୁ ଜଣାଇଥିଲେ। ଏଥିରେ ସରକାରଙ୍କ ବିବୃତି ରହିଥିଲେ ହେଁ ବୟକଟର ପ୍ରକୃତ କାରଣ ଲେଖା ନଥିଲା। ଏହାକୁ ଆଇସିସି ବେଶ ଯତ୍ନର ସହ ବିଚାରକୁ ନେଇଛି। ପିସିବିର ଦାବିକୁ ସଂପୂର୍ଣ୍ଣ ଅଗ୍ରାହ୍ୟ କରିବା ବଦଳରେ କେମିତି ଅପ୍ରତ୍ୟାଶିତ ଘଟଣା କ୍ଲଜ ପୂରା ଘଟଣାରେ ଲାଗୁ ହେବ, ତା'ର ଜବାବ ମାଗିଛି। କେମିତି କେବଳ ଗୋଟିଏ ମ୍ୟାଚ୍ ପାଇଁ ଏହି କ୍ଲଜ ଲାଗୁ ହେବ ଓ ବାକି ଟୁର୍ଣ୍ଣାମେ ପାଇଁ ଏହା ଲାଗୁ ହେବନାହିଁ, ସେକଥା ପସିବିକୁ ପଚାରିଛି ଆଇସିସି।

ସେହିପରି ଏପରି ସ୍ଥିତିକୁ ଏଡ଼ାଇବା ପାଇଁ ପାକିସ୍ତାନ କୌଣସି ବିକଳ୍ପ ପଦକ୍ଷେପ ନେଇଥିଲା କି? ଆଇସିସି ପାଖରେ ଏହାର ସାମାଧାନ ପାଇଁ କୌଣସି ପ୍ରସ୍ତାବ ଦେଇଥିଲା କି? ବିନା କୌଣସି ପ୍ରସ୍ତବାରେ କେମିତି କେବଳ ଗୋଟିଏ ମ୍ୟାଚକୁ ବାକଟ ପାଇଁ ପାକିସ୍ତାନ ନିଷ୍ପତ୍ତି ନେଲା ବୋଲି ଆଇସିସି ପ୍ରଶ୍ନ କରିଛି। ଆଇସିସିର ପକ୍ଷରୁ ଜବାବ ମଗା ଯିବା ପରେ ପିସିବି ଆଲୋଚନା ପାଇଁ ଆଗେଇ ଆସିଛି।

# ଟିପିଏସ୍‌ଓଡିଏଲ୍ ତରଫରୁ ବ୍ରହ୍ମପୁରରେ ବିଏ ସ୍ପୋର୍ଟ୍ସ ମିଟ୍

**ବ୍ରହ୍ମପୁର,୭।୨:** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ତରଫରୁ ବିଏ ସ୍ପୋର୍ଟ୍ସ ମିଟ୍ -୨୦୨୬ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମ, ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ୨୦ଟି ବିଜନେସ ଆସୋସିଏଟ୍ସରୁ ୨୨୦ଜଣ ଅଂଶଗ୍ରହଣକାରୀ ବିଭିନ୍ନ ବର୍ଗରେ ଭାଗ ନେବା ସହ ଏକତ୍ରିତ ହୋଇଥିଲେ। ଏହା ଏକ ଉତ୍ସାହ, ଉଦ୍ଦୀପନା ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବନାରେ ଭରା ଦିନ ଥିଲା। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା, ପରସ୍ପର ପ୍ରତି ସହଯୋଗୀ ମନୋଭାବ ରଖିବା ଏବଂ ଏକ ମିଳିତ ସଫଳତାକୁ ପାଥେୟ କରିବା ହେଉଛି ଟିପିଏସ୍‌ଓଡିଏଲର ମୂଲ୍ୟବୋଧ ଓ ସଂସ୍କୃତି, ଯାହାକୁ ସମ୍ମାନ ଜଣାଇବା ଏଥିରେ ପ୍ରତିଫଳିତ ହୋଇଥିଲା। ଅଂଶଗ୍ରହଣକାରୀମାନେ ଉତ୍ସାହର ସହ ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। ୧୦୦ମିଟର ଓ ୪୦୦ମିଟର ଦୌଡ଼, ୪ସ୧୦୦ମିଟର ରିଲେ, ଲମ୍ଫ ଡିଆଁ, ସଟ୍ ଫୁଟ୍, ଟଗ୍ ଅଫ୍ ଓ୍ୱାର ଏବଂ କେବଳ ମହିଳା ପ୍ରତିଯୋଗୀଙ୍କ ପାଇଁ ମ୍ୟୁଜିକ ଚେୟାରର ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ଦଳ ଅନ୍ୟ ଏକ ଦଳକୁ ଉତ୍ସାହିତ କରିବା ସହିତ ପାରସ୍ପରିକ ସହଯୋଗ ସଭିଙ୍କ ଭିତରେ ରହିଥିଲା। ଏହି ଅବସରରେ ଟିପିଏସ୍‌ଓଡିଏଲର ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ସେମାନଙ୍କ ଉପସ୍ଥିତି ଅଂଶଗ୍ରହଣକାରୀଙ୍କୁ ପ୍ରେରଣା ଓ ଉତ୍ସାହ ଯୋଗାଇବା ସହ କର୍ମଚାରୀଙ୍କ ଯୋଗଦାନ ଏବଂ ସେମାନଙ୍କ ମଙ୍ଗଳ ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି। ସେମାନେ କହିଥିଲେ ଯେ ଏଭଳି ମାଧ୍ୟମ ଶାରୀରିକ ଫିଟନେସ୍ ବ୍ୟତୀତ ମାନସିକ ସ୍ଥିରତା, ଆତ୍ମବିଶ୍ୱାସ ବୃଦ୍ଧି, କାର୍ଯ୍ୟଚାପ ହ୍ରାସ ଓ ଟିମ୍ ସଦସ୍ୟମାନଙ୍କ ମଧ୍ୟରେ ଗଭୀର ସମ୍ପର୍କ ଦୃଢ଼ୀଭୂତ କରିବାରେ ସାହାଯ୍ୟ କରିଥାଏ।



ପ୍ରତିଯୋଗିତା ବ୍ୟତିରେକେ ସ୍ପୋର୍ଟସ ମିଟ୍ ଉଭୟ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ସନ୍ତୁଳନ ରକ୍ଷା କରିବା ଦିଗରେ ସହାୟକ ହୋଇଥାଏ। ଏଥିସହିତ ଲକ୍ଷ୍ୟ, ଅନୁଶାସନ ଏବଂ ପାରସ୍ପରିକ ସହଯୋଗ ବୃଦ୍ଧି କରିଥାଏ। ଏହା କର୍ମଚାରୀ, ବିଜନେସ ଆସୋସିଏଟ୍ସ ଏବଂ ଭେଣ୍ଡରମାନଙ୍କ ଭିତରେ ଉତ୍ତମ ସମ୍ପର୍କ ସୃଷ୍ଟି କରେ। ଏ ସମ୍ପର୍କରେ ଟିପିଏସ୍‌ଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, କ୍ରୀଡ଼ା କେବଳ ଶାରୀରିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରେ ନାହିଁ ବରଂ ମାନସିକ ଶକ୍ତି ଏବଂ ଦଳଗତ ମନୋଭାବକୁ ବୃଦ୍ଧି କରିବାରେ ଏକ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ବିଏ ସ୍ପୋର୍ଟ୍ସ ମିଟ୍ ଭଳି କାର୍ଯ୍ୟକ୍ରମ ସହଭାଗିତା, ଅନୁଶାସନ ଓ ଏକ ସୁସ୍ଥ ପ୍ରତିଯୋଗିତା ଉପରେ ଗୁରୁତ୍ୱ ଦେଇଥାଏ। ଯାହା ଆମକୁ ଏକ ଅନୁଷ୍ଠାନ ହିସାବରେ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ବିଏ ସ୍ପୋର୍ଟ୍ସ ମିଟ୍-୨୦୨୬ ଟିପିଏସ୍‌ଓଡିଏଲ ସହ ଜଡ଼ିତ ପ୍ରତ୍ୟେକଙ୍କର ଉଭୟ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରେ। ଯାହା ତା'ର ସହଯୋଗୀମାନଙ୍କ ସହ ସମ୍ପର୍କକୁ ଆହୁରି ଦୃଢ଼ କରିବାରେ ସହାୟକ ହୋଇଥାଏ।

# ଆରସିବିକୁ କିଣିବାକୁ ୯ ବିଡର ଆଗ୍ରହୀ

**ଲଣ୍ଡନ,୭।୨:** ଖୁବଶୀଘ୍ର କ୍ରିକେଟ୍ ଓ ଫୁଟ୍‌ବଲ୍ର ମହାମିଳନ ହେବାକୁ ଯାଉଛି। ସବୁକିଛି ଠିକଠାକ ରହିଲେ ଆଇପିଏଲର ଏକ ଦଳ ଇଂଲଣ୍ଡର ଲୋକପ୍ରିୟ ଘରୋଇ ଫୁଟବଲ୍ ଲିଗ୍ ଇପିଏଲ୍ (ଇଂଲିସ୍ ପ୍ରିମିୟର୍ ଲିଗ୍)ର ଅନ୍ୟତମ ସଫଳ ତଥା ଚର୍ଚ୍ଚିତ ଦଳ ମାଞ୍ଚେଷ୍ଟର୍ ୟୁନାଇଟେଡ୍ର ମାଲିକାନାକୁ ଚାଲିଯିବ। ମାଞ୍ଚେଷ୍ଟର୍ ୟୁନାଇଟେଡ୍‌ର ଅନ୍ୟତମ ମାଲିକ ଅବରାମ ଗ୍ଲେଜର୍ ଆଇପିଏଲର ଗତବର୍ଷ ବିଜେତା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିଲାଗି ନିଜ ପୁଞ୍ଜି ନିବେଶ କଂପାନି ଲାନ୍ସର୍ କ୍ୟାପିଟାଲ୍ ମାଧ୍ୟମରେ ୧.୮ ନିୟୁତ ଡଲାର ବା ପାଖାପାଖି ୧୬,୩୦୦ କୋଟି ଟଙ୍କାର ପ୍ରସ୍ତାବ ଆରସିବି ମାଲିକଙ୍କୁ ଦେଇଛନ୍ତି। ସଂପ୍ରତି ଆରସିବିର ମାଲିକ ଥିବା ଡିଆଜିଓ କଂପାନି ଗତ ନଭେମ୍ବରରୁ ଆରସିବିକୁ ବିକ୍ରି କରିବା ଯୋଜନା କରି ଆସୁଛନ୍ତି। ନିଜ ଆଇପିଏଲ୍ ଇତିହାସର ପ୍ରଥମ ଟ୍ରଫି ଜିତିବା ପରେ ପରେ ହିଁ ଡିଆଜିଓ ଏହି ଦଳକୁ ବିକ୍ରି କରି କ୍ରୀଡ଼ା ବ୍ୟବସାୟରୁ ଦୂରେଇ ଯିବାକୁ ଚାହୁଁଛି। ତେବେ ଏବେ ସୁଦ୍ଧା ମୋଟ ୯ଜଣ ବିଡର୍ ଆଗ୍ରହ ପ୍ରକାଶ କରିଛନ୍ତି। ସେଥିମଧ୍ୟରେ ଭାରତୀୟ ବ୍ୟବସାୟୀ ଅଦାର ପୁନାଓ୍ୱାଲ ମଧ୍ୟ ଅଛନ୍ତି। ବିଡରମାନେ ୧ ବିଲିୟନରୁ ୧.୮ ବିଲିୟନ୍ ଡଲାରର ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି।



ଏପର୍ଯ୍ୟନ୍ତ ଦଳର ଆନୁଷ୍ଠାନିକ ମୂଲ୍ୟ ବିଷୟରେ କେଣସି ସୂଚନା ଦେଇନି। ସୂଚନା ଅନୁସାରେ ଆରସିବିକୁ କିଣିବାକୁ ତେବେ ଡିଆଜିଓ କାହାକୁ ଓ କେମିତି ଆରସିବିକୁ ବିକ୍ରି କରିବ ସେନେଇ କେଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇନି।

# ସିଏମ୍ ଟ୍ରଫି ୧୪ ବର୍ଷରୁ କମ ଖୋ ଖୋ ଚୟନ ପ୍ରତିଯୋଗିତା



**କେନ୍ଦ୍ରାପଡ଼ା,୭।୨:** ସି.ଏମ୍.ଟ୍ରଫି ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଖୋ ଖୋ ପ୍ରତିଯୋଗିତାର ଚୟନ ପ୍ରତିଯୋଗୀତା ଶନିବାର ଦିନ କେନ୍ଦ୍ରାପଡା ମହାବିଦ୍ୟାଳୟ ପରିସରରେ ଜିଲ୍ଲାର ବ୍ଲକ ଓ ପୌରାଞ୍ଚଳ ଅନ୍ତର୍ଗତ ଉଚ୍ଚ ବିଦ୍ୟାଳୟର ବିଭିନ୍ନ କ୍ରିଡାବିତ ମାନେ ଭାଗନେଇ ଥିଲେ। ପାଖାପଖି ୨୫୦ଟି ଭଲିବଲ ବାଳକ/ବାଳିକାମାନେ ଅଂଶଗ୍ରହଣ କରିଥିଲେ। ଏଥିରୁ ବଛାବଛା ଭଲ ପ୍ରଦର୍ଶନ କରିଥିବା ୧୦ଟି ଦଳ ବାଳକ ଓ ୬ଟି ବାଳିକା ବିଭାଗର ଖେଳାଳୀ ମାନେ ସିଏମଟ୍ରଫି ଜିଲ୍ଲା ସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି କ୍ରିଡା ସଂସଦର ସାଧାରଣ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା କ୍ରିଡା ଅଧିକାରୀ ଲୋକାନାଥ ପାଣିଗ୍ରାହୀ ଯୋଗଦେଇଥିଲେ। କ୍ରିଡା ଶିକ୍ଷକ ଶଶାଙ୍କ ସାହୁ, ମନୋଜ ସାହୁ, ଅମ୍ବିକା ମହାନ୍ତି, ଦେବେନ୍ଦ୍ର ସାହୁ, ସାବେରା ଖାନମ, ଯାମୁନି ଦାସ, ଅଶୋକେ କୁମାର ସାହୁ, ସସ୍ମିତା ପଣ୍ଡା, ଚନ୍ଦନ ମହାପାତ୍ର, ଜ୍ୟୋର୍ତିମୟୀ ଦାସ ପ୍ରଭୃତି ଯୋଗ ଦେଇଥିଲେ।

# ନେଦରଲାଣ୍ଡସ୍ ବିପକ୍ଷରେ ସଂଘର୍ଷ କରି ଜିତିଲା ପାକିସ୍ତାନ

**କଲମ୍ବୋ,୭।୨:** ଆରମ୍ଭ ହୋଇଛି ପୁରୁଷ ଟ୍ୱେଣ୍ଟି-୨୦ ବିଶ୍ୱକପ୍। ପ୍ରଥମ ମୁକାବିଲାରୁ ହିଁ ବିଶ୍ୱକପର ରୋମା ଦେଖିବାକୁ ମିଳିଛି। ପାକିସ୍ତାନ ତୁଳନାରେ ଏକ ଦୁର୍ବଳ ଦଳ ହୋଇଥିଲେ ବି କଡ଼ା ଟକ୍କର ଦେଇଛି ନେଦରଲାଣ୍ଡସ୍। ଏହି ମ୍ୟାଚକୁ ୩ ଓ୍ୱିକେଟରେ ଜିତିଥିବା ପାକିସ୍ତାନକୁ ସଂଘର୍ଷ କରିବାକୁ ପଡ଼ିଥିଲା। ଏପରିକି ଗୋଟିଏ ସମୟରେ ଲାଗୁଥିଲା ଯେ ପାକିସ୍ତାନ ଏହି ମ୍ୟାଚକୁ ହାରିଯିବ।

ଏହି ମ୍ୟାଚରେ ପାକିସ୍ତାନ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନେଦରଲାଣ୍ଡସ୍ ୧୯.୫ ଓଭରରେ ୧୪୭ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସ୍କଟ୍ ଏଡଓ୍ୱାର୍ଡ୍ସ ୩୭ ରନ କରିଥିବାବେଳେ ବାସ୍ ଡି ଲିଡ୍ସ ୩୦, ମାଇକେଲ୍ ଲେଭିଟ୍ ୨୪ ଓ କଲିନ ଆକରମ୍ୟାନ୍ ୨୦ ରନ କରିଥିଲେ। ପାକିସ୍ତାନ ପକ୍ଷରୁ ସଲମାନ ମିର୍ଜା ୩ଟି ଓ୍ୱିକେଟ୍ ନେଇଥିବାବେଳେ ଅବରାର ଅହମ୍ମଦ, ସଇମ ଆୟୁବ ଓ ମହମ୍ମଦ ନଓ୍ୱାଜ୍ ୨ଟି ଲେଖାଏଁ ଓ୍ୱିକେଟ୍ ନେଇଥିଲେ। ୧୪୮ ରନ ପାକିସ୍ତାନ ପାଇଁ ଏକ ସହଜ ଲକ୍ଷ୍ୟ ମନେହେଉଥିଲା, ପାକିସ୍ତାନ ମଧ୍ୟ ଆରମ୍ଭରୁ ଦ୍ରୁତ ରନ ସଂଗ୍ରହ କରି ଏକ ସହଜ ବିଜୟ ଆଡ଼କୁ ଅଗ୍ରସର ହେଉଥିଲା। ଦଳ ପକ୍ଷରୁ ଦୁଇ ଓପନର ସାଇବିଜାଦା ଫରହାନ ଓ ସାଇମ୍ ଆୟୁବ ପ୍ରଥମ ଓ୍ୱିକେଟରେ ୨୭ ରନର ଭାଗୀଦାର କରିଥିଲେ। ସାଇମ୍ ୨୪ ରନ କରି ଆଉଟ୍ ହେବା ପରେ ଫରହାନ ଓ ଅଧିନାୟକ ସଲମାନ ଆଗାଙ୍କ ମଧ୍ୟରେ ୨୬ ରନର ଆଉ ଏକ ଭାଗୀଦାର ହୋଇଥିଲା।



ତେବେ ସଲମାନ ମାତ୍ର ୧୨ ରନ କରି ଆଉଟ୍ ହେବା ପରେ ଫରହାନ ଓ ବାବର ଆଜମଙ୍କ ମଧ୍ୟରେ ୪୫ ରନର ଏକ ବଡ଼ ଭାଗୀଦାର ହୋଇଥିଲା। ଫରହାନ ୪୭ ରନ କରି ଆଉଟ୍ ହେବା ସମୟରେ ଦଳର ସ୍କୋର ୩ ଓ୍ୱିକେଟ୍ ହରାଇ ୯୮ ରନ ଥିଲା। ଏହାପରେ ଦଳ ନିୟମିତ ବ୍ୟବଧାନରେ ଓ୍ୱିକେଟ୍ ହରାଇ ଚାଲିଥିଲା ଓ ସ୍ଥିତି ଏପରି ହୋଇଥିଲା ଯେ ଦଳ ୧୧୪ ରନରେ ୭ଟି ଓ୍ୱିକେଟ୍ ହରାଇ ଏକ ନିଶ୍ଚିତ ପରାଜୟ ଆଡକୁ ଗତି କରୁଥିଲା। ତେବେ ଶେଷ ଦୁଇ ଓଭରରେ ଫହିମ ଅସ୍ରଫ୍ ମାତ୍ର ୧୧ଟି ବଲରେ ୩ ଛକା ୨ଚୌକା ସହ ୨୯ ରନ କରି ଦଳ ପାଇଁ ବିଜୟ ଆଣି ଦେଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ